**ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଅଜୋଲା ଚାଷ**

**ନାଉଗାଁ:** ଗୋପାଳନ କ୍ଷେତ୍ରରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ସବୁଜ ଘାସର ଉପାଦେୟତା ରହିଛି। ଏନେଇ ନାଉଗାଁ ବ୍ଲକର ଗୋଚାଷୀ ଗୀତାଞ୍ଜଳି ମହାନ୍ତିଙ୍କ ଅଗଣାରେ ଅଜୋଲା ଚାଷ କିପରି କରିବ ସେସମ୍ପର୍କରେ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡା. ରାଜା ଉଦୟଭାନୁ ରାଉତ ଓ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା.ଶୁଭେନ୍ଦୁ ରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଗୋଲକ ବିହାରୀ ଭୋଇ ଓ ସଞ୍ଜୟ ପାଣି ଚାଷୀମାନଙ୍କୁ ଅଜୋଲା ଚାଷର ପଦ୍ଧତି ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ୧୦ଜଣ ଚାଷୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୨୨ ଗ୍ରାମ୍ ବ୍ରାଉନସୁଗାର ଜବତ: ୨ ଗିରଫ

**ଜଗତ୍‌ସିଂହପୁର ଅଫିସ,୧୮।୧୧:** ଜଗତ୍‌ସିଂହପୁର ଓ ପାରାଦୀପ ଲକ୍ ଥାନା ପୋଲିସ ପୃଥକ ସ୍ଥାନରେ ଚଢାଉ କରି ଗୁରୁବାର ୨୨.୩୮ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଜଗତ୍‌ସିଂହପୁର ଥାନା ପଦ୍ମପୁରର ଚକ୍ରଧର ନାଥ (୨୫) ଓରଫ ଚକରା ଏବଂ ଲକ୍ ଥାନା ଅନ୍ତର୍ଗତ ଚକ୍ରଧରପୁର ଗ୍ରାମର ରଞ୍ଜନ ଦଳାଇ ଓରଫ ବାପୁ। ଜଗତ୍‌ସିଂହପୁର ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁଙ୍କ ସୂଚନା ଅନୁଯାୟୀ, କ୍ଷୀରବାଟି ପ୍ରାଥମିକ ବିଦ୍ୟାଳୟ ନିକଟରେ ବ୍ରାଉନ ସୁଗାର କାରବାର ଚାଲିଥିବା ନେଇ ଖବର ମିଳିଥିଲା। ପରେ ପୋଲିସ ସେଠାରେ ଚଢାଉ କରି ଚକରାଙ୍କଠାରୁ ୧୬ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏ ନେଇ ମାମଲା (ନଂ. ୬୨୬/୨୧) ରୁଜୁ ହୋଇଛି। ସେହିପରି ପାରାଦୀପ ଲକ୍ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ବାପୁଙ୍କଠାରୁ ୬.୩୮ ଗ୍ରାମ୍ ବ୍ରାଉନ ସୁଗାର, ଗୋଟିଏ ମୋବାଇଲ, ନଗଦ ୬୦,୫୦୦ ଟଙ୍କା ଓ ବାଇକ୍ ଜବତ କରାଯାଇଛି। ଏ ନେଇ ଲକ୍ ଥାନାରେ ମାମଲା (ନଂ.୨୮୨/୨୧) ରୁଜୁ ହୋଇଛି।

### କେନ୍ଦ୍ରମନ୍ତ୍ରୀଙ୍କ ଗାଡ଼ିକୁ ଅଣ୍ଡାମାଡ଼ ଘଟଣାରେ ଜଣେ ଗିରଫ

**ନାଉଗାଁ,୧୮।୧୧(ସ୍ୱ.ପ୍ର.):** ନାଉଗାଁ ଥାନା ଅନ୍ତର୍ଗତ ଅଙ୍ଗେଶ୍ୱରପଡା ଉଚ୍ଚ ବିଦ୍ୟାଳୟରେ ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଭଗବାନ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେବାକୁ କେନ୍ଦ୍ର ଆଦିବାସୀ, ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ମଙ୍ଗଳବାର ଆସିଥିଲେ। ଏହି ସମୟରେ ଛାତ୍ର ଓ ଯୁବ କଂଗ୍ରେସର କେତେଜଣ କର୍ମୀ ଅଲଣାହାଟ ନିକଟରେ ତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରି କଳାପତାକା ପ୍ରଦର୍ଶନ କରିଥିଲେ। ଏଥିସହ ସେଠାରେ ଉପସ୍ଥିତ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ଥାନା ପକ୍ଷରୁ ୪ ଜଣଙ୍କ ବିରୋଧରେ ମାମଲା (ନଂ.୧୩୨/୨୧)ରୁଜୁ କରାଯାଇଛି। ଏହି ଘଟଣାରେ ପ୍ରୀତମ ପରିଜାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ବର୍ଷାରେ ଉଜୁଡ଼ିଗଲା ଧାନ, ବିରି ଫସଲ

**ରାଜକନିକା,୧୮।୧୧(ଡି.ଏନ.ଏ.):** ରାଜକନିକା ବ୍ଲକର ୨୯ ପଞ୍ଚାୟତରେ ହଜାରରୁ ଉର୍ଦ୍ଧ୍ୱ ଏକର ଧାନ ଓ ବିରି ଫସଲ ବର୍ଷା ପାଣିରେ ଭାସୁଛି। ପବନରେ ଧାନଗଛ ଗୁଡିକ ଶୋଇ ଯାଇଛି। ଫଳରେ ଧାନ ଅମଳ ସମ୍ଭବ ନୁହେଁ ବୋଲି ଚାଷୀମାନେ କହିଛନ୍ତି। ବିରି ଗଛଗୁଡିକ ପାଣିରେ ବୁଡି ନଷ୍ଟ ହୋଇ ଯାଇଛି। ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦେବାକୁ ପାରିନୁଆପଡା ସରପଞ୍ଚ ପବିତ୍ର ରାଉତ, ପଣସଗଣ୍ଡ ସରପଞ୍ଚ ଦେବଦତ୍ତ ଦାସ, ହାଟସାହି ସରପଞ୍ଚ ସଂଯୁକ୍ତା ଯେନା, ପଧାନପଡାର ପ୍ରାକ୍ତନ ସରପଞ୍ଚ ପ୍ରଶାନ୍ତ କୁମାର ଦାସ, ନମତରା ସରପଞ୍ଚ ହୃଦାନନ୍ଦ ଦାସ, ନହୁଣି ସରପଞ୍ଚ ଲିଲିପ୍ରଭା ବିଶ୍ୱାଳ, ବଳରାମପୁର ସରପଞ୍ଚ ସୁବଳ ଚନ୍ଦ୍ର ସାହୁ, ପେଗରପଡା ସରପଞ୍ଚ ଅଭୟ ମଲିକ ପ୍ରମୁଖ ଦାବି କରିଛନ୍ତି।

### ଆଧ୍ୟାତ୍ମିକ ସମାବେଶରେ ବାବା ବଳିଆ

**ଆଳି,୧୮।୧୧(ଡି.ଏନ.ଏ.):** ଆଳି ବ୍ଲକ ମାନପୁର ଗାଁରେ ବୁଧବାର ପବିତ୍ର ବଡ଼ଓଷା ଅବସରରେ ଆଧ୍ୟାତ୍ମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ଗୋପବନ୍ଧୁ ପୂଜ୍ୟ ପୂଜା ପକ୍ଷରୁ ଅନୁଷ୍ଠିତ ସମାବେଶରେ ବିଶ୍ୱ ପ୍ରେମୀ ପୂଜ୍ୟ ପୂଜକ ବାବା ବଳିଆ ଯୋଗଦେଇଥିଲେ। ବାବା ବଳିଆ ମନ୍ଦିର ଦର୍ଶନ କରିବା ସହ ଅମୃତବାଣୀ ଶ୍ରଦ୍ଧାଳୁମାନଙ୍କୁ ଶୁଣାଇଥିଲେ। ଏହାକୁ ପୂଜ୍ୟପୂଜା ପରିଷଦର ସଭାପତି ବିଜୟ ମହାକୁଳ, ପର୍ଶୁରାମ ରାଉତରାୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

### ସଫେଇ କର୍ମଚାରୀ ଜାତୀୟ କମିଶନ ସଦସ୍ୟଙ୍କ ପାରାଦୀପ ଗସ୍ତ

**ପାରାଦୀପ,୧୮।୧୧(ସ୍ୱ.ପ୍ର.):** ସଫେଇ କର୍ମଚାରୀ ଜାତୀୟ କମିଶନ ସଦସ୍ୟ ଡା.ପି ପି. ଭାଭା ଗୁରୁବାର ପାରାଦୀପ ବନ୍ଦର ଗସ୍ତରେ ଆସିଥିଲେ। ତାଙ୍କୁ ବନ୍ଦର ସଚିବ ଡା. ପି.ଏନ୍. ବେହେରା ପ୍ରଶାସନିକ ଭବନରେ ସ୍ୱାଗତ କରିଥିଲେ। ପରେ ବୋର୍ଡ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ବନ୍ଦର ଅଧକ୍ଷ ପି.ଏଲ ହାରାନ୍ଧ, ବିଭାଗୀୟ ମୁଖ୍ୟଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ ୟୁନିୟନ ଓ ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା ହୋଇଥିଲା। ବନ୍ଦରରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ଭିତ୍ତିଭୂମି ଓ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ଭାଭା ବନ୍ଦର ନିଷିଦ୍ଧାଞ୍ଚଳ ବୁଲି ଭୁବନେଶ୍ୱର ଚାଲି ଆସିଥିଲେ।

# କ୍ଷତିଭରଣା ଅର୍ଥ ଅଫିସର, ଠିକା ସଂସ୍ଥା ଦିଅନ୍ତୁ

**ମଣିକୁଣ୍ଡା ପାନୀୟ ଜଳ ପ୍ରକଳ୍ପ ଏନ୍‌ଜିଟି ମାମଲା**

- କେନ୍ଦ୍ର ପର୍ଯ୍ୟାବରଣ ବିଭାଗର ଚିଠିକୁ ନେଇ ଚର୍ଚ୍ଚା
- ୧୦ ବର୍ଷ ମଧ୍ୟରେ ସମାନ ଜଙ୍ଗଲ ସୃଷ୍ଟି ସମ୍ଭବ ନୁହେଁ



କେନ୍ଦ୍ରାପଡ଼ା ଅଫିସ, ୧୮।୧୧

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପକୁ ନେଇ କେନ୍ଦ୍ର ପର୍ଯ୍ୟାବରଣ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ଚିଠି ଚର୍ଚ୍ଚାରେ ଅଛି। ଗୁରୁବାର ଧରିତ୍ରୀରେ ଏ ସମ୍ପର୍କରେ ଖବର ପ୍ରକାଶ ପରେ କ୍ଷତିଭରଣା ଅର୍ଥ ଗ୍ରାମ୍ୟ ଜଳଯୋଗାଣ ବିଭାଗର ତତ୍କାଳୀନ ଅଧିକାରୀ ଓ ଠିକା ସଂସ୍ଥା ଦିଅନ୍ତୁ ବୋଲି ମତ ମିଳିଛି। ଜଙ୍ଗଲ ନଷ୍ଟ କରି ନୂତନ ଜଙ୍ଗଲ ସୃଷ୍ଟିରେ ୧୦ ବର୍ଷ କମ୍ ସମୟ ସୀମା ବୋଲି ପରିବେଶବିତ୍, ବୁଦ୍ଧିଜୀବୀ ଓ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ଅଭିଯୋଗ ଦାଖଲକାରୀ ପ୍ରକାଶ କରିଛନ୍ତି।

ଜିଲାର ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୨୦୦ ରାଜସ୍ୱ ଗ୍ରାମରେ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ବସୁଧା ଯୋଜନାରେ ୨୪୧ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୧୯ରେ ମଣିକୁଣ୍ଡାଠାରେ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ସ୍ଥାନ ଜଙ୍ଗଲ କିସମ ହୋଇଥିବାରୁ ଏ ନେଇ ସ୍ଥାନୀୟ ଅଞ୍ଚଳର ଆଳୟ ସାମନ୍ତରାୟ ଓ ସମ୍ପଦ ସ୍ୱାଇଁ ଏନ୍‌ଜିଟିରେ ଆପତ୍ତି କରିଥିଲେ। ଏନ୍‌ଜିଟି ପକ୍ଷରୁ ପରିବେଶ ଓ ଜଙ୍ଗଲ ନଷ୍ଟ ହେଉଥିବା ଦର୍ଶାଇ ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିଥିଲେ। ଏଥିସହ ଜଙ୍ଗଲ ନଷ୍ଟ ସମ୍ପର୍କରେ ତଦନ୍ତ କମିଟି ଗଠନ ସହ କେନ୍ଦ୍ର ପର୍ଯ୍ୟାବରଣ ବିଭାଗ ଅନୁମତି ନେବାକୁ ପ୍ରକଳ୍ପ ପ୍ରସ୍ତୁତକର୍ତ୍ତା ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ସ୍ଥାନ ବଦଳରେ ବଡ଼ପାଳଠାରେ ଜଙ୍ଗଲ ସୃଷ୍ଟି ପାଇଁ ଜମି ପ୍ରଦାନ ଅନୁମତି ଜିଲା ପ୍ରଶାସନ ପକ୍ଷରୁ କେନ୍ଦ୍ର ପର୍ଯ୍ୟାବରଣ ମନ୍ତ୍ରଣାଳୟକୁ ଚିଠି ହୋଇଥିଲା । ପର୍ଯ୍ୟାବରଣ ମନ୍ତ୍ରଣାଳୟର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଅଧିକାରୀ ଜମି ବଦଳ ଓ ପ୍ରସ୍ତାବିତ ଜମିରେ ଜଙ୍ଗଲ ସୃଷ୍ଟି ପାଇଁ ଅନୁମତି ଦେଇଥିଲେ ମଧ୍ୟ ଚିଠି (ନଂ. ୫ ଓଆରବି/ ୪୪୫/ ୨୦୨୧/ବିଏଚୟୁ)ରେ ୩୦ଟି ସର୍ତ୍ତ ସହ କଟକ ସର୍କଲର ଜଳଯୋଗାଣ ବିଭାଗ ସହକାରୀ ମୁଖ୍ୟଯନ୍ତ୍ରୀଙ୍କୁ ଜଙ୍ଗଲ ସୃଷ୍ଟି ଓ ଜରିମାନା ବାବଦ ୮୪,୫୨,୬୦୪ ଟଙ୍କା କାମ୍ପା ଆକାଉଣ୍ଟରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତଦନ୍ତ କମିଟି ଗଠନ କରାଯାଇ ଜଙ୍ଗଲ ନଷ୍ଟରେ ସମ୍ପୃକ୍ତ ବ୍ୟକ୍ତି ବା ଅନୁଷ୍ଠାନ ବିରୋଧରେ ବନ ସଂରକ୍ଷଣ ୧୯୮୦ ଆଇନର ଧାରା ୩(କ) ଓ (ଖ)ରେ ଦଣ୍ଡ ଦେବାକୁ ଚିଠିରେ ଉଲ୍ଲେଖ କରିଛନ୍ତି। ତେବେ ଗତ ୧୬ ତାରିଖରେ କ୍ଷତିଭରଣା ବାବଦ ଅର୍ଥ ଦେବାକୁ କେନ୍ଦ୍ରାପଡ଼ା ଗ୍ରାମୀଣ ଜଳ ଯୋଗାଣ ବିଭାଗ ପକ୍ଷରୁ କଟକ ସର୍କଲର ସହକାରୀ ମୁଖ୍ୟଯନ୍ତ୍ରୀଙ୍କୁ ଲେଖିଥିବା ଚିଠି (୫୯୩୫) ଏବେ ଚର୍ଚ୍ଚାର କାରଣ ହୋଇଛି। ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ପୁରୁଣା ଜଙ୍ଗଲକୁ ବିଲୋପ କରି ୧୦ ବର୍ଷ ମଧ୍ୟରେ ନୂଆ ଜଙ୍ଗଲ ସୃଷ୍ଟି କରିବା ଏକ ହାସ୍ୟାସ୍ପଦ କଥା। ଜଙ୍ଗଲ କେବଳ ଗଛକୁ ବୁଝାଏ ନାହିଁ। ଏଠାରେ ଥିବା ପକ୍ଷୀଠାରୁ ଆରମ୍ଭ କରି ଜୀବଜନ୍ତୁ ଆଶ୍ରୟହୀନ ହୋଇପଡ଼ିବେ। ବିଶ୍ୱତାପନ ସମ୍ପର୍କରେ ଆମେ ଦୀର୍ଘ ଭାଷଣ ଦେଉଥିବା ବେଳେ ପ୍ରକୃତରେ ଏହାର ସୁରକ୍ଷା ଦେଇ ପାରୁ ନ ଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ କହିଛନ୍ତି, ଜଙ୍ଗଲ ନଷ୍ଟ କରିଥିବା ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥା ପକ୍ଷରୁ ଏହି କ୍ଷତି ଅର୍ଥ ଭରଣା ହେଲେ ସଚେତନତା ସୃଷ୍ଟି ହେବ। ପ୍ରକୃତି ଓ ପରିବେଶକୁ ନଷ୍ଟ ହେବା ପୂର୍ବରୁ ସରକାରୀ କର୍ମଚାରୀ ସଚେତନ ହେବେ। ନଚେତ୍ ଖରସ୍ରୋତା ନଦୀ ପାଣି ବିବାଦ ପରି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ। ଏ ସମ୍ପର୍କରେ ଏନ୍‌ଜିଟିରେ ମାମଲା କରିଥିବା ସାମନ୍ତରାୟ ଓ ସ୍ୱାଇଁ କହିଛନ୍ତି, କେନ୍ଦ୍ର ପର୍ଯ୍ୟାବରଣ ମନ୍ତ୍ରଣାଳୟର ଚିଠିରେ ଦଣ୍ଡ ଦେବାକୁ ନିର୍ଦ୍ଦେଶ ଅଛି। ଏହା ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଜମି ବଦଳ କଥା ଉଠିବ। ଏ ନେଇ ଏନ୍‌ଜିଟି ଶୁଣାଣିରେ ତଥ୍ୟ ଉପସ୍ଥାପନ କରିବେ। ଆଇନଜୀବୀ ସରୋଜରାଜ ସିଂହ କହିଛନ୍ତି, ବନ ସଂରକ୍ଷଣ ଆଇନ ଧାରା ୩(କ)ଓ (ଖ) ଅନୁଯାୟୀ ଭୁଲ୍ ସ୍ୱୀକାର ପତ୍ରଠାରୁ ୧୫ ଦିନ ପର୍ଯ୍ୟନ୍ତ ଜେଲଦଣ୍ଡ ଅଛି। ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ୨.୫ ଲକ୍ଷ ଲୋକଙ୍କୁ ପାଣି ପରି ମୌଳିକ ଆବଶ୍ୟକତା ପୂରଣ ପାଇଁ ଏହି ପ୍ରକଳ୍ପ ହୋଇଛି। ଏନ୍‌ଜିଟି ମାମଲା ଯୋଗୁ ପଡି ରହିଥିବା ଏହି ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଆମର ଲକ୍ଷ୍ୟ ରହିଛି।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ପଟ୍ଟାମୁଣ୍ଡାଇ,୧୮।୧୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଥାନା ପୌରାଞ୍ଚଳର ଜଣେ ମହିଳା ଛେଳି ଚରାଇବାକୁ କେନାଲ ବନ୍ଧକୁ ଯାଇଥିବା ବେଳେ ବଳାତ୍କାରର ଶିକାର ଗତ ୧୫ ତାରିଖରେ ହୋଇଥିଲେ। ଏହି ଘଟଣାରେ ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ପରେ ଯୁବକଙ୍କୁ ଜେଲ ଯିବାକୁ ପଡିଛି। ସୂଚନା ଯୋଗ୍ୟ, ମହିଳା ଜଣକ କେନାଲ ବନ୍ଧରେ ଛେଳିମାନଙ୍କ ପାଇଁ ଗଛଡାଳ ଭାଙ୍ଗୁଥିବାବେଳେ ବୁଟୁ ମଲିକ(୨୫) ତାଙ୍କୁ ଟାଣି ନେଇ ବଳାତ୍କାର କରିଥିଲେ। ମହିଳା ଜଣକ ଚେତାଶୂନ୍ୟ ହୋଇଯିବାରୁ ବୁଟୁ ଛାଡି ପଳାଇ ଥିଲେ। ଚେତା ଫେରିବା ପରେ ମହିଳା ଜଣକ ଘରକୁ ଯାଇ ବଳାତ୍କାରର ଶିକାର ହୋଇଥିବା ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇଥିଲେ। ଥାନାରେ ପହଞ୍ଚି ପୀଡିତା ଓ ତାଙ୍କ ସ୍ୱାମୀ ଏତଲା ଦାଏର କରିଥିଲେ। ଏତଲାକୁ ଭିତ୍ତି କରି ଆଇଆଇସି ତପନ କୁମାର ରାଉତଙ୍କ ନିର୍ଦ୍ଦେଶରେ ପୋଲିସ ନଂ.୬୫୮/୨୧ରେ ମାମଲା ରୁଜୁ କରିଥିଲା। ବଳାତ୍କାର ଶିକାର ହୋଇଥିବା ମହିଳାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଗିରଫ ଆଶଙ୍କା କରି ଅଭିଯୁକ୍ତ ବୁଟୁ ଫେରାର ହୋଇଯାଇଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ ଭାବି ବୁଟୁ ଗୁରୁବାର ଘରକୁ ଫେରିଥିଲେ। ପୂର୍ବରୁ ପ୍ରସ୍ତୁତ ଥିବା ପୋଲିସ ଅଚାନକ ଘର ଘେରାଉ କରି ଅଭିଯୁକ୍ତ ବୁଟୁଙ୍କୁ ଗିରଫ କରିଥିଲେ।

# ଚାଷୀଙ୍କୁ କ୍ଷତିପୂରଣ ଦାବି

**ବିଡିଓଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର**

ନାଉଗାଁ,୧୮।୧୧



ଏଆଇକେକେଏମ୍‌ଏସ୍‌ର ସଦସ୍ୟମାନଙ୍କ ସାଇକେଲ ଶୋଭାଯାତ୍ରା ।

ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଙ୍ଗଠନ (ଏଆଇକେକେଏମ୍‌ଏସ୍)ର ନାଉଗାଁ ବ୍ଲକ କମିଟି ପକ୍ଷରୁ ବିଡିଓଙ୍କ ଉଦ୍ଦେଶ୍ୟରେ ଗୁରୁବାର ୫ ଦଫା ଦାବି ସମ୍ବଳିତ ଦାବିପତ୍ର ଦିଆଯାଇଛି। ବ୍ଲକ କମିଟି ସଭାପତି ମହେଶ୍ୱର ଦାସ ଓ ସମ୍ପାଦକ ବସନ୍ତ ମଲ୍ଲିକ ଏହାର ନେତୃତ୍ୱ ନେଇଥିଲେ। ଏନେଇ କୋକିଡିଅଛକରୁ ଏକ ସାଇକେଲ ଶୋଭାଯାତ୍ରା ବାହାରି ନାଉଗାଁ ବଜାର ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ବିଡିଓ ରଶ୍ମୀରେଖା ମଲ୍ଲିକ ଅନୁପସ୍ଥିତ ଥିବାରୁ ଅତିରିକ୍ତ ବିଡିଓ ଦେବେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ଦିଆଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଓ ଭାଗଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ, କ୍ଷତିଗ୍ରସ୍ତ ବିରି ଓ ପରିବା ଚାଷୀଙ୍କୁ ମାଗଣା ବିହନ, ସାର, କୀଟନାଶକ ଯୋଗାଣ, ବାଉଁଶଯୋରୀରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ଡିହତେଲସରାର ସ୍ଲୁଇସ ଗେଟ ସମ୍ପ୍ରସାରଣ କରିବା, ନାଉଗାଁ ବ୍ଲକରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ଓ ଦେବୀନଦୀର ଦେବୀଦୋଳଠାରେ ବ୍ୟାରେଜ ନିର୍ମାଣ କରିବା ଆଦି ଅନ୍ତର୍ଭୁକ୍ତ । ଦାବିପତ୍ର ପ୍ରଦାନ ସମୟରେ ସଂଗଠନ ପକ୍ଷରୁ ରାଜ୍ୟ କମିଟି ସଦସ୍ୟ ସୁବାସ ସ୍ୱାଇଁ, ଜନସ୍ୱାର୍ଥ ସୁରକ୍ଷା କମିଟି ସଭାପତି ବଂଶୀଧର ବେହେରା, ଚାଷୀନେତା ବାବାଜୀ କାଣ୍ଡି, ଆର୍ତ୍ତ ଦାସ, ରଘୁନାଥ ଦାସ, କାଳନ୍ଦୀ ସେଠୀ, ରଞ୍ଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଟପଡ଼ାରେ ହଂସୁଆ ନଦୀରେ ନିର୍ମାଣ ହେବ ସ୍ପର

ରାଜନଗର, ୧୮।୧୧(ଡି.ଏନ.ଏ.)

ହଂସୁଆ ନଦୀ ପଠା ଖାଇ ରାସ୍ତା ଖାଇବାକୁ ବସିଲାଣି। ରାଜନଗର ବ୍ଲକର ଜୀବନରେଖା କୁହାଯାଉଥିବା କେରଡାଗଡ-ଅଲତାଙ୍ଗ ବନ୍ୟା ପ୍ରତିରୋଧକ ବନ୍ଧ ପ୍ରତି ହଂସୁଆ ନଦୀ ବିପଦ ସୃଷ୍ଟି କରିଛି। ହଂସୁଆ ନଦୀ ଆଁମୁହଁରେ ଥିବା ବନ୍ୟା ପ୍ରତିରୋଧକ ବନ୍ଧକୁ ସୁରକ୍ଷା ଦେବା ପାଇଁ ଭାଟପଡା ନିକଟରେ ପଥର ପ୍ୟାକିଂ, ଲଚିଂ ସହିତ ୩ଟି ସ୍ପର ନିର୍ମାଣ କରାଯିବ। ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ରାଜନଗର ବିଧାୟକ ଧ୍ରୁବ ସାହୁ ଏ ନେଇ ଶିଳାନ୍ୟାସ କରିଥିଲେ। ବୁଧବାର ଏହି ସ୍ପର ଓ ପଥର ପ୍ୟାକିଂ ନିର୍ମାଣ ଦାୟିତ୍ୱରେ ଥିବା ତଟବନ୍ଧ ବିଭାଗ ଓ ଓଡ଼ିଶା କନଷ୍ଟ୍ରକଶନ କମ୍ପାନୀ ଲିଃର ଅଧିକାରୀମାନେ ଭାଟପଡା ନିକଟରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ତଟବନ୍ଧ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସରୋଜକାନ୍ତ ମିଶ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ଅନନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ଭଞ୍ଜ ପ୍ରସାଦ ରାଉତ, କୁମାର ଦାସ, କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ପଣ୍ଡାଙ୍କ ସହିତ କମ୍ପାନୀର ଜେନେରାଲ ମ୍ୟାନେଜର ବିରଞ୍ଚି ନାରାୟଣ କରଣ ଭାଟପଡା ନିକଟରେ ପହଞ୍ଚି ଡଙ୍ଗା ଯୋଗେ ନଦୀ ଭିତରୁ ଓ ବନ୍ଧ ଉପରୁ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏକ ସପ୍ତାହ ମଧ୍ୟରେ ଏହି କାମ ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୧୬ କୋଟି ଟଙ୍କା ବ୍ୟୟରେ ଏହି ସୁରକ୍ଷା ପ୍ରାଚୀର ନିର୍ମାଣ କରାଯିବ ବୋଲି ଜଣାପଡିଛି।

## ୧୬ ସମବାୟ ସମିତିରେ ପଡିଲା ତାଲା

ପଟ୍ଟାମୁଣ୍ଡାଇ,୧୮।୧୧(ସ୍ୱ.ପ୍ର.)

୫ଦଫା ଦାବି ପୂରଣ ପାଇଁ ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ପଟ୍ଟାମୁଣ୍ଡାଇ ବ୍ଲକରେ ଥିବା ସମବାୟ ସମିତିର ସମ୍ପାଦକ, ସହକାରୀସମ୍ପାଦକ ଓ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ୧୬ ସମବାୟ ସମିତିରେ ତାଲା ପଡିଥିବାରୁ ସମସ୍ତ କାର୍ଯ୍ୟ ବନ୍ଦ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ବ୍ଲକର ସମବାୟ ସମିତିଗୁଡିକର କର୍ମଚାରୀମାନେ ପଟ୍ଟାମୁଣ୍ଡାଇ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କ କାର୍ଯ୍ୟାଳୟ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୫ ଦଫା ଦାବିରେ ଆରମ୍ଭ ହୋଇଥିବା ଆନ୍ଦୋଳନ ପୂର୍ବରୁ ଚଳିତ ମାସ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ କଳାବ୍ୟାଚ ପରିଧାନ କରିଥିଲେ। ଏହି ଆନ୍ଦୋଳନରେ ପଟ୍ଟାମୁଣ୍ଡାଇ ବ୍ଲକର ୧୬ ସମବାୟ ସମିତିର ସମ୍ପାଦକ ମନ୍ମଥନାଥ ମିଶ୍ର, ଅଜିତ କୁମାର ମଲ୍ଲିକ, ପାରେଶ୍ୱର ରାଉତ, କୃଷ୍ଣ ଜୀବନ ଦାଶ, ଅଜୟ କୁମାର ଦାସ, ଅଶୋକ ରାଉତ, ଆର୍ତ୍ତତ୍ରାଣ ପରିଡା, ଦେବାଶୀଷ ଜେନାଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

# କାର୍ତ୍ତିକ ପୂର୍ଣ୍ଣିମାରେ ନଦୀରେ ଭାସିବନି ସୋଲ ଡଙ୍ଗା

- ସୋଲର ଅଭାବ, କାରିଗରଙ୍କୁ ପ୍ରୋତ୍ସାହନ ମିଳୁନି
- ସୋଲ ବଦଳରେ ପ୍ଲାଷ୍ଟିକ କର୍କର ଡଙ୍ଗା ଭାସିବ

ପାଟକୁରା, ୧୮।୧୧(ଡି.ଏନ.ଏ.)

କାର୍ତ୍ତିକ ପୂର୍ଣ୍ଣିମାରେ ଏଣିକି ଆଉ ପାରମ୍ପରିକ ସୋଲ ଡଙ୍ଗା ନଦୀରେ ଭାସିବନି। ସୋଲ ବଦଳରେ ପ୍ଲାଷ୍ଟିକ କର୍କ କିମ୍ବା ଆକ୍ରିଲେକରେ ତିଆରି ଡଙ୍ଗାକୁ ଲୋକେ ନଦୀରେ ଭସାଇବେ। ସୋଲର ଅଭାବ ଓ ସୋଲ କାରିଗର ମାଳୀମାନଙ୍କୁ ସରକାରୀ ପ୍ରୋତ୍ସାହନ ଅଭାବ ଏହାର ମୁଖ୍ୟ କାରଣ ବୋଲି ଜଣାପଡିଛି। ଫଳରେ ମାଳୀମାନଙ୍କର ଏକ ପାରମ୍ପରିକ ପେସା ସୋଲ ତିଆରି ସାମଗ୍ରୀ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ବିଲ ବାଡ଼ିରେ କୃଷକମାନେ ରାସାୟନିକ ସାର ବ୍ୟବହାର କରୁଥିବାରୁ ଏହାର ବିଷାକ୍ତ ପ୍ରକ୍ରିୟାରେ ସୋଲ ଗଛଗୁଡ଼ିକ ମରିଯାଉଛି। ଯାହା କିଛି ରହୁଛି ସ୍ଥାନୀୟ ଲୋକେ ଏହାକୁ କାଟି ଜାଳ କରୁଛନ୍ତି। ଫଳରେ ଡଙ୍ଗା ନିର୍ମାଣ ପାଇଁ ସୋଲ ମିଳୁନି। ତା’ ବଦଳରେ କାରିଗରମାନେ କର୍କ କିମ୍ବା ଆକ୍ରିଲେକ ବ୍ୟବହାର କରୁଛନ୍ତି। ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଦେଇ ସୋଲ ଚାଷ କରାଗଲେ ସୋଲର ଅଭାବ ପୂରଣ ହୋଇଯାଆନ୍ତା ବୋଲି ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ ଅଧୀନ ନୂଆପଡା ଗାଁର ସୋଲ କାରିଗର ନିରଞ୍ଜନ ରଣା ମତବ୍ୟକ୍ତ କରିଛନ୍ତି। ଏଥିସହ କାରିଗରମାନଙ୍କୁ ଆର୍ଥିକ ସହାୟତା ମିଳିଲେ ପାରମ୍ପରିକ ସୋଲ କାମ ବଞ୍ଚି ରୁହନ୍ତା ବୋଲି ସେ କହିଛନ୍ତି। ତାଙ୍କ ବାପା ଅଜା ଅମଳରୁ ଏହି ପେସା ଚଳି ଆସୁଥିବାରୁ ସେ ଏହାକୁ ଛାଡ଼ି ପାରୁନାହାନ୍ତି। ତେବେ ଏହି କାର୍ଯ୍ୟରେ ତାଙ୍କ ସ୍ତ୍ରୀ, ସାନଭାଇ ଓ ପିଲାମାନେ ସହାୟତା କରୁଛନ୍ତି। ଡଙ୍ଗାଗୁଡ଼ିକ ୧୦ଟଙ୍କା, ୩୦ଟଙ୍କା, ୫୦ଟଙ୍କାରେ ବିକିଲେ ମଧ୍ୟ କୁଟୁମ୍ବ ଚଳାଇ ହେଉନି ବୋଲି ସେ କହିଛନ୍ତି।


ନୂଆପଡ଼ା ନିରଞ୍ଜନ ରଣାଙ୍କ ପରିବାର ସଦସ୍ୟ ଡଙ୍ଗା ତିଆରି କରୁଛନ୍ତି।

# ଦୁର୍ନୀତି ବିରୋଧରେ ରାଜ୍ୟପାଳଙ୍କ ନିକଟକୁ ପତ୍ର


ତହସିଲଦାରଙ୍କୁ ସମବାୟ ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟ ଦେଉଛନ୍ତି।

**କଟକ କେନ୍ଦ୍ର ସମବାୟ ବ୍ୟାଙ୍କ, ୧୧ ସମବାୟ ସମିତି**

ଆଳି,୧୮।୧୧(ଡି.ଏନ.ଏ.)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଆଳି ଶାଖା, ବ୍ଲକର ୧୧ଟି ସମବାୟ ସମିତିରେ ହେଉଥିବା ବ୍ୟାପକ ଦୁର୍ନୀତି ଓ ବେଆଇନ ନିଯୁକ୍ତି ଆଦି ବିଭିନ୍ନ ପ୍ରକାର ଦୁର୍ନୀତି ନେଇ ଅଭିଯୋଗ ଆସିଛି। ତେଣୁ ଏହି ଘଟଣାର ଚାଷୀମାନଙ୍କ ଦାବିଗୁଡିକ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଳି ସମବାୟ ସୁରକ୍ଷା ମଞ୍ଚ ପକ୍ଷରୁ ଆଳି ତହସିଲଦାର ତପନ ସେନାପତିଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ଅଛି, ସମିତିରେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ନୀତି ନିୟମ ଉଲ୍ଲଂଘନ ସହ ଚାଷୀଙ୍କୁ ବୀମା ପ୍ରଦାନ, ମଣ୍ଡିରେ ଧାନ ବିକ୍ରି କରିବାରେ ସ୍ୱଚ୍ଛତା, ଋଣ ନେଇଥିବା ଚାଷୀଙ୍କ ନାମ ତାଲିକା ପ୍ରକାଶ, ବଳରାମ ଯୋଜନାରେ ପ୍ରକୃତ ଚାଷୀଙ୍କୁ ଅର୍ଥ ପ୍ରଦାନ ଓ ଋଣ ଛାଡ଼, ଶୀତଳଭଣ୍ଡାର ଖୋଲିବାକୁ ଦାବି କରାଯାଇଛି। ସମବାୟ ସୁରକ୍ଷା ମଞ୍ଚର ସଭାପତି ସୂର୍ଯ୍ୟକାନ୍ତ ପୂଝାରୀ ଓ ସମ୍ପାଦକ ପ୍ରଭାକର ସାହୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ମନ୍ତ୍ରୀ ଓ ଶାସନ ସଚିବ, ଜିଲାପାଳ, ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି।

## ୬୨ ଶିଶୁଙ୍କୁ ଡାକ ଜମାଖାତା ବଣ୍ଟନ

ମହାକାଳପଡ଼ା,୧୮।୧୧ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ଭାରତୀୟ ଡାକ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ୧୦ ବର୍ଷ ଭିତରେ ଥିବା ଶିଶୁକନ୍ୟାଙ୍କ ପାଇଁ ସୁକନ୍ୟା ସମୃଦ୍ଧି ଯୋଜନା ଜମା ଖାତା ଗୁରୁବାର ବଣ୍ଟନ କରାଯାଇଛି। ମହାକାଳପଡ଼ା ବ୍ଲକର ବାରଡାଙ୍ଗ ପଞ୍ଚାୟତ ନନ୍ତାର ସବ୍ ପୋଷ୍ଟ ଅଫିସ ଅଧୀନ ଗଙ୍ଗାଧରପୁର ଶାସନ ଅଙ୍ଗନୱାଡ଼ି କେନ୍ଦ୍ରଠାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆଡୋଇ, ମଲାଡ଼ି, ପାରେଶ୍ୱରପୁର, ନନ୍ତାର, ବାହାର ସୋବଳା, ଗଙ୍ଗାଧରପୁର ଶାସନ, ରାଇଗଡା ଆଦି ଗାଁର ୬୨ ଜଣ ଶିଶୁଙ୍କୁ ଜମା ଖାତା ବଣ୍ଟନ କରାଯାଇଛି। ଏଥିରେ ଭୁବନେଶ୍ୱର ଭାରତୀୟ ଡାକ ନିର୍ଦ୍ଦେଶକ ଆଦିତ୍ୟ କୁମାର ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଡାକ ଅଧୀକ୍ଷକ ନିରଞ୍ଜନ ମହାନ୍ତି, ସହକାରୀ ଡାକ ଅଧୀକ୍ଷକ ଦେବାଶିଷ ଶତପଥୀ, ନନ୍ତାର ସବ୍ ପୋଷ୍ଟ ମାଷ୍ଟର ପ୍ରଭାତ କୁମାର ବେହେରା, ଗୋବିନ୍ଦ କୁମାର ପାତ୍ର, କବିତା ରାଉତଙ୍କ ସମେତ ସ୍ଥାନୀୟ ଅଙ୍ଗନୱାଡ଼ି ଓ ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଗୁରୁତରଙ୍କୁ ସ୍ଥାନାନ୍ତର ପାଇଁ ଆମ୍ବୁଲାନ୍ସ ମିଳିଲାନି

**କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା**

କୁଜଙ୍ଗ,୧୮।୧୧(ଡିଏନଏ)

ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିବା ୨ ଜଣ ଯୁବକଙ୍କୁ କଟକ ନେବାପାଇଁ ଆମ୍ବୁଲାନ୍ସ ନ ମିଳିବାରୁ ଗୁରୁବାର କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ତିର୍ତ୍ତୋଲ ଥାନା ଅନ୍ତର୍ଗତ ତେରମାଣପୁର ଗ୍ରାମର ମନୋଜ ମହାପାତ୍ରଙ୍କ ପୁଅ ସନ୍ଦିପ ମହାପାତ୍ର (୨୪) ଓ କୁଜଙ୍ଗ ଥାନା ଅନ୍ତର୍ଗତ ବାମଦେଇପୁର ଗ୍ରାମର ବିଭୂତି ବିଶ୍ୱାଳଙ୍କ ପୁଅ ବିପ୍ଲବ ବିଶ୍ୱାଳ (୨୧) କୁଜଙ୍ଗରୁ ତ୍ରିଲୋଚନପୁରକୁ ସଂଯୋଗ କରୁଥିବା ସାଗର ରାସ୍ତାରେ ଅପରାହ୍ନ ସମୟରେ ବାଇକରେ ଆସୁଥିଲେ। ଫତେପୁରଠାରେ ସେମାନେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଖବରପାଇ କୁଜଙ୍ଗ ପୋଲିସ ଉଭୟଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନା ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ମାତ୍ର ସ୍ଥାନାନ୍ତର ପାଇଁ ୧୦୮ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଘରୋଇ ଆମ୍ବୁଲାନ୍ସ ମିଳି ନ ଥିଲା। ସନ୍ଦିପ ଓ ବିପ୍ଳବଙ୍କୁ ଡାକ୍ତରଖାନାର ଡ୍ରେସିଂ ରୁମରେ ଛଟପଟ ହେଉଥିବା ଦେଖି ସେଠାରେ ଉପସ୍ଥିତ ଲୋକେ ପାଟିତୁଣ୍ଡ କରିଥିଲେ। ଏନେଇ କିଛି ସମୟ ପାଇଁ ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ କୁଜଙ୍ଗ ବାର ଆସୋସିଏଶନର ପୂର୍ବତନ ସଭାପତି ଏଏନଡି ଯାଦବ ଅସନ୍ତୋଷ ବ୍ୟକ୍ତ କରିବା ସହ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ।

ଏ ସମ୍ପର୍କରେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ସତ୍ୟ ପ୍ରଧାନ କହିଛନ୍ତି, ୧୦୮ ଆମ୍ବୁଲାନ୍ସ ମନିଟରିଂ ରାଜ୍ୟସ୍ତରରୁ ହେଉଥିବାରୁସେମାନଙ୍କର କିଛିକରିପାରିବେ ନାହିଁ। ଖବର ଲେଖାହେବା ପର୍ଯ୍ୟନ୍ତ ଉଭୟ ଗୁରୁତର ଡାକ୍ତରଖାନା ପରିସରରେ ଥିଲେ।

# ପଞ୍ଚକରେ ଆମିଷ ମୋହ, ମାଛ ପାଇଁ ଭିଡ଼

**ଆଜି କାର୍ତ୍ତିକ ପୂର୍ଣ୍ଣିମା, କାଲି ଛାଡ଼ଖାଇ**

ଜଗତ୍‌ସିଂହପୁର ଅଫିସ, ୧୮।୧୧


କେନାଲ ପାର୍ଶ୍ୱରେ ଲୋକଙ୍କ ଭିଡ଼ ଜମିଛି।

ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପାଇଁ କାର୍ତ୍ତିକ ମାସ ବହୁ ଗୁରୁତ୍ୱ ବହନ କରେ। ପରିବାରର ମଙ୍ଗଳ ପାଇଁ ମହିଳାମାନେ ନିଷ୍ଠାର ସହ ଘରଦ୍ୱାର ଲିପାପୋଛା କରି ମୁରୁଜର ଝୋଟି ପକାଇ ଥାନ୍ତି। ପୂଜାପାଠ ଉପରେ ବିଶେଷ ଧ୍ୟାନ ଦିଆଯାଏ। ଆମିଷ ଘର ଭିତରକୁ ପଶେନାହିଁ। ବିଶେଷକରି ପଞ୍ଚକ ୫ ଦିନ ଲୋକେ ଅତି ନିଷ୍ଠାର ସହ ପାଳନ କରନ୍ତି। ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା। ଅନେକ ସମର୍ପିତ ଭାବ ନେଇ ଏହାକୁ ପାଳନ କରୁଥିଲେ ସୁଦ୍ଧା କିଛି କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଦିନକ ପରେ ଅର୍ଥାତ୍ ଶନିବାର ଛାଡଖାଇ । କିନ୍ତୁ ଏହି ଗୋଟିଏ ଦିନ ବି ଅନେକ ଲୋକ ଆମିଷ ଆଡୁ ମୋହ ଭଙ୍ଗ କରିପାରୁ ନାହାନ୍ତି। ଏହାର ଉଦାହରଣ ଜଗତ୍‌ସିଂହପୁର ସହରରେ ଦେଖିବାକୁ ମିଳିଛି। ଗୁରୁବାର ଅପରାହ୍ନରେ ସହରର ପ୍ରମୁଖ ସ୍ଥାନ ଅର୍ଥାତ୍ ବସ୍ ଷ୍ଟପ୍ ନିକଟ କେନାଲ ପାର୍ଶ୍ୱରେ ଅନେକ ଲୋକ ମାଛ ପାଇଁ ରୁଣ୍ଡ ହୋଇଥିଲେ।

ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମୀରେ ଲୋକେ କେନାଲ ଓ ନଦୀରେ ଡଙ୍ଗା ଭସାଇଥାନ୍ତି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବସ ଷ୍ଟପ୍ ନିକଟ କେନାଲରେ ଡଙ୍ଗା ଭସାଇବାର ସମ୍ଭାବନା ଥିବାରୁ ପ୍ରଶାସନ ପକ୍ଷରୁ ଉପର ମୁଣ୍ଡରୁ ଜଳ ପ୍ରବାହ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ଫଳରେ କେନାଲରୁ ପାଣି କମିଯାଇଛି। ଏହାଦେଖି ମାଛ ଧରାଳିମାନେ କେନାଲରୁ ଜାଲ, ବନିଶି ଓ ବନ୍ଧ ପକାଇ ମାଛ ଧରିଥିଲେ। ପାଣି କମ୍ ଥିବାରୁ ମାଛମାନେ ଡେଉଁଥିଲେ। ଏହା ଦେଖିବା ଓ କିଣିବା ପାଇଁ ଲୋକଙ୍କ ଭିଡ ଜମିଥିଲା। ଏହି ଦୃଶ୍ୟ ପ୍ରକାରାନ୍ତରେ ଆମିଷ ପ୍ରତି ଲୋକଙ୍କ ଆକର୍ଷଣ ପ୍ରତିପାଦିତ କରୁଥିଲା । କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ଅନେକ ସ୍ଥାନରେ ଅନୁରୂପ ପରିବେଶ ଦେଖିବାକୁ ମିଳିଛି।

## ଭାଗବତ ପାରାୟଣ

ରଘୁନାଥପୁର,୧୮।୧୧(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକର ତାରପୁରସ୍ଥିତ ବଳଦେବଜୀଉଙ୍କ ପୀଠରେ ଅଁଳାନବମୀ ଠାରୁ ଭାଗବତ ପାରାୟଣ ଉତ୍ସବ ଅନୁଷ୍ଠିତ ହେଉଛି। ବସନ୍ତ କୁମାର ଦାଶ ଓ ଗ୍ରାମବାସୀଙ୍କ ସହଯୋଗରେ ଏହାକୁ ଆୟୋଜନ କରାଯାଇଛି। ଏଥିରେ ଗାଁର ଅଭିରାମ ବିଶ୍ୱାଳ, ବାସନ୍ତୀ କର୍ତ୍ତାକର୍ତ୍ତ୍ରୀ ହୋଇଛନ୍ତି। ପ୍ରବଚକ ପଣ୍ଡିତ ଅଭୟ ଦାଶ ଭାଗବତ ପାଠ କରୁଛନ୍ତି। ପୂଜକ ତାପସ ଦାଶ ଓ ପଣ୍ଡିତ ପ୍ରଭାତ ରଞ୍ଜନ କର ପୂଜାନୀତିରେ ନିୟୋଜିତ ଅଛନ୍ତି।

## କୁଣ୍ଡିରାରେ କଂଗ୍ରେସର କର୍ମୀ ସମ୍ମିଳନୀ

ଧର୍ମଶାଳା,(ଡି.ଏନ.ଏ.): ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ଅଣ୍ଟିଆ ପଞ୍ଚାୟତ କୁଣ୍ଡିରାଠାରେ ଏକ କର୍ମୀ ସମ୍ମିଳନୀ ବ୍ଲକ ସଭାପତି କିଷାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ନେଇ ବୈଠକରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ଅଣ୍ଟିଆ ପଞ୍ଚାୟତ ସଭାପତି ଜନାର୍ଦ୍ଦନ ବରାଳ, ରବି ନାୟକ, ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ମଲ୍ଲିକ, ସନ୍ତୋଷ ମଲ୍ଲିକ, କୃଷ୍ଣ ମଲିକ, ସିଦ୍ଧେଶ୍ୱର ବରାଳ, ବସନ୍ତ ପରିଡ଼ା, ପ୍ରଫୁଲ୍ଲ ରାୟ ଓ ଦେବାଶିଷ ପରିଡ଼ା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ବରିଶ୍ରୀର ୨୪ତମ ମୁଖପତ୍ର ଅନାବରଣ ଉତ୍ସବ

ବରୀ,୧୮।୧୧(ଡି.ଏନ.ଏ.): ଯୁଗ ବଦଳିଛି। ସାମାଜିକ ମୂଲ୍ୟବୋଧ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବଳି ପଡ଼ିଛି। କିନ୍ତୁ ସାହିତ୍ୟ ଏହି ମୂଲ୍ୟବୋଧକୁ ଆଧାରକରି ଆଜିବି ପରସ୍ପର ମଧ୍ୟରେ ସମ୍ପର୍କ ଯୋଡ଼ିବାର ଏକ ମାଧ୍ୟମ ପାଲଟିଛି। ବରୀ ଅଞ୍ଚଳର ଅନ୍ୟତମ ସାହିତ୍ୟ ଅନୁଷ୍ଠାନ ବରିଶ୍ରୀର ୨୪ତମ ମୁଖପତ୍ର ଅନାବରଣ ଉତ୍ସବରେ ଉପସ୍ଥିତ ଅତିଥି ଏହି ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ରମାଦେବୀ ଗୋପବନ୍ଧୁ ଆଶ୍ରମରେ ଅନୁଷ୍ଠିତ ଉତ୍ସବରେ ସଭାପତି ଆଶୁତୋଷ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସୁମନ୍ତ ପଣ୍ଡା ବିବରଣୀ ପାଠ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ପ୍ରଶାନ୍ତ ସାହୁ ଓ ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୃନ୍ଦାବନ ସାମଲ ଓ ସମ୍ମାନିତ ଅତିଥି ଭାବେ ଡ. ଧ୍ରୁବ ଚରଣ ଦାସ, ପୂର୍ବତନ କୁଳପତି ଡ. ଗୋକୁଳାନନ୍ଦ ଦାସ, ବିଶ୍ୱଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେ। କବି ଅମୂଲ୍ୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ‘ପତ୍ରପତ୍ରିକା ସାହିତ୍ୟର ଏକ ଅଙ୍ଗ’

ଚଣ୍ଡିଖୋଲ,୧୮।୧୧(ଡି.ଏନ.ଏ.): ଧୀରେ ଧୀରେ ଭାଷା ସାହିତ୍ୟ ପ୍ରଚଳନ ହାର କମିକମି ଯାଉଛି। ଓଡ଼ିଆ ଭାଷା ସାହିତ୍ୟ ଜ୍ଞାନର ବୃଦ୍ଧି କରିଥାଏ। ସାହିତ୍ୟର ପୁସ୍ତକ ଯେପରି ଏକ ଅଂଶ ବିଶେଷ ଠିକ୍ ସେହିଭଳି ପତ୍ରପତ୍ରିକା ଗୁଡିକ ସାହିତ୍ୟର ଏକ ଅଙ୍ଗ ବୋଲି ‘ଆଶା’ପତ୍ରିକା ଉନ୍ମୋଚନ ଉତ୍ସବରେ ଅତିଥି ମତବ୍ୟକ୍ତ କରିଛନ୍ତି। ଚଣ୍ଡିଖୋଲଠାରେ ଉଦୀୟମାନ ପକ୍ଷରୁ ‘ଆଶା’ ପତ୍ରିକାର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅବିନାଶ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଦର୍ପଣ ତହସିଲଦାର ପ୍ରଦୀପ ସେଠୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରମୋଦ ସାମଲ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ପ୍ରାବନ୍ଧିକ ସନ୍ତୋଷ ମହାପାତ୍ର, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଉଦୟଗିରି ବୁଦ୍ଧ ମହୋତ୍ସବ ସମିତି ଆବାହକ ମହେଶ୍ୱର ବଳ ଓ ଖବରଦାତା ପ୍ରଦୀପ୍ତ ପୃଷ୍ଟି ପ୍ରମୁଖ ଯୋଗଦେଇ ଆଶା ପତ୍ରିକାକୁ ଉନ୍ମୋଚନ କରିବା ସହ ଏହା ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ଦିଗରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ସମ୍ପାଦକ ଅନିଲ ଦାସ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଡ. ସୁଧୀର କୁମାର ସାମଲ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ପଣ୍ଡା, ହେମନ୍ତ ମହାଲା, ଅଧ୍ୟାପକ ସଲୀଳରାଜନନ୍ଦନ ମହାନ୍ତି, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ସଭାପତି ଦେବରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବରିଷ୍ଠ ଖବରଦାତା ଶିବରାମ ଦାସ ସମ୍ବର୍ଦ୍ଧିତ

ରାଜକନିକା,୧୮।୧୧(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ ସମ୍ବାଦଦାତା ଶିବରାମ ଦାସଙ୍କୁ ନୂଆଦିଲ୍ଲୀର ଜାତୀୟ ସାମ୍ବାଦିକ କଲ୍ୟାଣ ପାଣ୍ଠି ପକ୍ଷରୁ ପୁରସ୍କୃତ ସହ ସମ୍ବର୍ଦ୍ଧିତ କରାଯାଇଛି। ତେବେ ଜାତୀୟ ସାମ୍ବାଦିକ କଲ୍ୟାଣ ପାଣ୍ଠିର ସଭାପତି ବରିଷ୍ଠ ଖବରଦାତା ଶ୍ରୀରାମ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ର ଜଳଶକ୍ତି ଓ ଜନଜାତି ମନ୍ତ୍ରୀ ବିଶେଶ୍ୱର ଟୁଡୁ, ଲୋକସେବକ ମଣ୍ଡଳର ଉତ୍ତର ପ୍ରଦେଶ କାନପୁର ଶାଖାର ଅଧ୍ୟକ୍ଷ ଦୀପକ ମାଲବ୍ୟ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସେ ଏହାପୂର୍ବରୁ ରାଜ୍ୟ ଓ ଜାତୀୟ ସ୍ତରରେ ବହୁ ପୁରସ୍କାର ପାଇ ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ସମାଜସେବା କ୍ଷେତ୍ରରେ ତାଙ୍କର୍ ବହୁ ଅବଦାନ ରହିଛି। ସେ ଆଳି, ରାଜକନିକା ଓ ଯାଜପୁର ଅଞ୍ଚଳର ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ସମ୍ପୃକ୍ତ ଅଛନ୍ତି।

### ଦଶରଥପୁରରେ ସମବାୟ ସପ୍ତାହ ପାଳିତ

ଝୁମ୍ପୁରୀ,୧୮।୧୧(ଡି.ଏନ.ଏ.): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ, ଦଶରଥପୁର ଶାଖା ଓ ଏହାର ଅଧୀନ ୧୩ ପ୍ରାଥମିକ କୃଷି ସମବାୟ ସମିତିରେ ୬୮ତମ ସମବାୟ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଶାଖା ପକ୍ଷରୁ ପତାକା ଉତ୍ତୋଳନ କରାଯାଇଥିଲା। ବ୍ୟାଙ୍କ ଅଧୀନରେ ଥିବା ୧୩ ପ୍ରାଥମିକ କୃଷି ସମବାୟ ସମିତିରେ ମଧ୍ୟ ସମବାୟ ପତାକା ଉତ୍ତୋଳନ ସହ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି। ବ୍ୟାଙ୍କ ଓ ସମିତି ମାଧମରେ ସରକାର ଚାଷୀଙ୍କ ପାଇଁ ପ୍ରଦାନ କରିଥିବା ବିଭିନ୍ନ ସୁବିଧା ସୁଯୋଗ ନେବାକୁ ବ୍ୟାଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

# ପାଇପ ଜଳ ଯୋଗାଣ ପ୍ରକଳ୍ପ: ଖର୍ଚ୍ଚ ଅଧିକ, କାମ କମ୍

- ୨ ବର୍ଷରେ ୬୪୪.୧୩ କୋଟି ଟଙ୍କା ଖର୍ଚ୍ଚ
- ବରୀ ବ୍ଲକରେ ୬ ପ୍ରକଳ୍ପକୁ ମଞ୍ଜୁର

ଯାଜପୁର ଅଫିସ,୧୮।୧୧

ଯାଜପୁର ଜିଲାରେ ଗ୍ରାମାଞ୍ଚଳକୁ ପାଇପ୍ ଜଳ ଯୋଗାଣ ପାଇଁ ବିଭିନ୍ନ ଯୋଜନାରେ ଗତ ୨ ଆର୍ଥିକ ବର୍ଷର ଅକ୍ଟୋବର ସୁଦ୍ଧା ୬୪୪.୧୩ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ସେଥିମଧ୍ୟରୁ ଓଏମ୍‌ବିଏଡିସି (ଓଡିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ)ରେ ୭୮.୭୮ କୋଟି, ବସୁଧା ଯୋଜନାରେ ୩୫.୭ କୋଟି, ଜେଜେଏମ୍ (ଜଳ ଜୀବନ ମିଶନ)ରେ ୭୫.୨୪ କୋଟି ଏବଂ ଆର୍‌ଆଇଡିଏଫ୍ (ରୁରାଲ ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ) ୨୭୦.୬୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି କ୍ରମରେ ରାଜ୍ୟ ସରକାର ଶତାଧିକ ପିଡବ୍ଲୁଏସ୍ ଓ ମେଗା ପିଡବ୍ଲୁଏସ୍ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ହେଲେ ଜିଲାରେ ଅତ୍ୟାଧିକ ଠିକାଦାରୀ ରାଜନୀତି ଯୋଗୁ ଖର୍ଚ୍ଚ ତୁଳନାରେ ପ୍ରକଳ୍ପର ଅଗ୍ରଗତି ଅତି ନୈରାଶ୍ୟଜନକ ରହିଛି। ଏବେ ବି ଶତାଧିକ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ଯେଉଁ କେତେକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ସେଥିରେ ନିର୍ଦ୍ଧାରିତ ଲୋକମାନେ ପାନୀୟ ଜଳ ପାଇ ପାରୁ ନ ଥିବା ଅଭିଯୋଗ ହେଉଛି।

ଜିଲାର ପ୍ରାୟ ୮୫ ପ୍ରତିଶତ ଗ୍ରାମାଞ୍ଚଳ ବାସିନ୍ଦା ଏଯାଏ ପାଇପ ଜଳ ଯୋଗାଣ (ପିଡବ୍ଲୁଏସ୍) ଜରିଆରେ ସ୍ୱଚ୍ଛଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଜିଲାର ୧୦ ଟି ବ୍ଲକରେ ୩,୭୮,୬୪୫ ପରିବାର ବାସ କରୁଛନ୍ତି । ସେହି ପରିବାରଗୁଡିକର ଜନସଂଖ୍ୟା ୧୭,୩୧,୯୫୦ । ଏହି ପରିବାରଗୁଡିକ ମଧ୍ୟରୁ ପ୍ରାୟ ୪ ହଜାର ପରିବାରଙ୍କୁ ପାଇପ୍ ଦ୍ୱାରା ଜଳ ଯୋଗାଣ କରାଯାଇଛି । ବାକି ପରିବାର ନଳକୂପ ଓ ବିଭିନ୍ନ ଉତ୍ସରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଅବଶିଷ୍ଟ ପରିବାରଗୁଡିକୁ ୨୦୨୨ ସୁଦ୍ଧା ପାଇପ୍ ମାଧ୍ୟମରେ ଜଳଯୋଗାଣ କରିବାକୁ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଆର୍‌ଆଇଡିଏଫ୍, ଓଏମ୍‌ବିଏଡିସି, ବସୁଧା ଓ ଜଳ ଜୀବନ ମିଶନ ଯୋଜନାରେ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଗତ ୧୫ ତାରିଖରେ ଜଳଜୀବନ ମିଶନ ଯୋଜନାରେ ୬ଟି ପ୍ରକଳ୍ପକୁ ମଞ୍ଜୁର ମିଳିଛି। ଏଥିରେ ବରୀ ବ୍ଲକର ଅରିଲୋ ପାଇଁ ୧.୩୩ କୋଟି, ଏରଡା ପାଇଁ ୧.୧.୪୯ କୋଟି, କହରଗଣ୍ଡ ଓ ରତଲଙ୍ଗା ପାଇଁ ୧.୭୫ କୋଟି ଭାବେ ମୋଟ ୪.୫୯ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ବରୀ ବ୍ଲକର କୁମ୍ଭୁକା ପାଇଁ ୧.୩୫ କୋଟି, ଚକ୍ରପୁର ପାଇଁ ୧.୨ କୋଟି ଓ ରାୟପୁର ଏବଂ ପାଳପୁର ପାଇଁ ୧.୯୫ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ଏଥିରୁ ଗ୍ରାମ ପଞ୍ଚାୟତ ୧୦ ପ୍ରତିଶତ କିମ୍ବା ୧୦ ଲକ୍ଷ ଟଙ୍କା ବିନିଯୋଗ କରିବ ବୋଲି ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଓଏମ୍‌ବିଏଡିସିରେ ସୁକିନ୍ଦା ବ୍ଲକରେ ଚାଲିଥିବା ଗୋଟିଏ ମେଗା ପ୍ରକଳ୍ପ ୫ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ସେହିପରି ଏଠାରେ ଦ୍ୱିତୀୟ ପ୍ରକଳ୍ପ ମଧ୍ୟ ମନ୍ଥର ଗତିରେ ଚାଲିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏଭଳି ଭାବେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଠିକାଦାରୀ ରାଜନୀତି ଯୋଗୁ ଏଯାଏ ଶତାଧିକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିନାହିଁ।

ସେହିପରି ପାଇପ୍ ବିଛା ନାମରେ ମଧ୍ୟ ଲକ୍ଷାଧିକ ଟଙ୍କା ଦୁର୍ନୀତି ହୋଇଛି। ନିୟମ ଅନୁଯାୟୀ ଉନ୍ନତମାନର ପାଇପ ନ ଦେଇ ଅତି ନିମ୍ନମାନର ପାଇପ୍ ବ୍ୟବହାର କରାଯାଇଥିବା କେତେଜଣ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। କୋରେଇ ବ୍ଲକର ମଲାରିଆ ଗ୍ରାମରେ ଦୀର୍ଘଦିନ ହେଲା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡିଛି। ସେହିପରି ପଛିକୋଟ ପ୍ରକଳ୍ପ କାମ ୨ ବର୍ଷ ହେଲା ସରୁନି। ଏହି ପ୍ରକଳ୍ପରେ ନିମ୍ନମାନର ପାଇପ୍ ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ବ୍ୟବହାର ହେଉଥିବାରୁ ତାହା ଦୀର୍ଘସ୍ଥାୟୀ ହେବ କି ନାହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ଆର୍‌ଡବ୍ଲୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀଙ୍କ ମତାମତ ନେବା ପାଇଁ ଫୋନରେ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

## ଓସ୍ତପାଳବାସୀଙ୍କ ପାଇଁ ଖୋଲା କୂଅ ଭରସା

ରଗଡ଼ି,୧୮।୧୧(ଡି.ଏନ.ଏ.)

ବିକାଶଶୀଳ ଯାଜପୁର ଜିଲା କୋରେଇ ବ୍ଲକ ପଛିକୋଟ ପଞ୍ଚାୟତ ଅଧୀନ ଓସ୍ତପାଳ ଗ୍ରାମର ପ୍ରାୟ ୪୦ ପରିବାର ଏବେ ବି ଖୋଲା କୂଅ ପାଣି ପିଉଛନ୍ତି। ଗତ ୨ ବର୍ଷ ମଧ୍ୟରେ ଜିଲାରେ ପାଇପ ଜଳଯୋଗାଣ ନାମରେ ୬ଶହରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଖର୍ଚ୍ଚ ହେଲାଣି। ହେଲେ ଆଜି ବି ଏଭଳି ଅବସ୍ଥାକୁ ଗ୍ରାମାଞ୍ଚଳବାସୀ ସହଜେ ଗ୍ରହଣ କରି ପାରିନାହାନ୍ତି। ଏହି ଗାଁରେ ଥିବା ନଳକୂପଗୁଡ଼ିକ ଦୀର୍ଘଦିନରୁ ଅଚଳ ଏବଂ ବ୍ୟବହାର ଅନୁପଯୋଗୀ ହୋଇପଡିରହିଛି। ଗାଁଠାରୁ ପ୍ରାୟ ୧ କିଲୋମିଟର ଦୂରରେ ଥିବା ଏକ କୂଅର ଦୂଷିତ ପାଣିକୁ ସେମାନେ ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଏନେଇ ଗ୍ରାମବାସୀ ସ୍ଥାନୀୟ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରସ୍ଥ ହେଉଥିଲେ ହେଁ କିଛି ସୁଫଳ ମିଳିନାହିଁ। ଏହି କ୍ରମରେ ଗ୍ରାମବାସୀ ସେଠାରେ ୧୦ ଫୁଟରୁ ଊର୍ଦ୍ଧ୍ୱ ଖୋଳିଲା ପରେ ପାଣି ବାହାରୁଛି। ସେହି ପାଣିକୁ ନେଇ କପଡ଼ାରେ ଛାଣି ବ୍ୟବହାର କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସେହିପରି ଛାତ ଉପରେ ପଡୁଥିବା ବର୍ଷାଜଳକୁ ମଧ୍ୟ ବଡ଼ ପାତ୍ରରେ ସାଇତି ରଖି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ଏହି ଗ୍ରାମ ନିକଟସ୍ଥ କାମୁଡେଇ ପାଖରେ ଏକ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ତାହା ୨ ବର୍ଷ ହେଲା ଅଚଳ ହୋଇ ରହିଛି । ବିଭିନ୍ନ ପର୍ଯ୍ୟାୟରେ ପାଇପ୍ ବଦଳା ଚାଲିଛି, ହେଲେ ଏ ଯାଏ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇପାରୁନି । ତେଣୁ ତୁରନ୍ତ ପାଣି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।


ଖୋଲା କୂଅରୁ ଗାଁର ଜଣେ ମହିଳ ପାଣି ସଂଗ୍ରହ କରୁଛନ୍ତି ।

## ସିଂହାପୁରରେ ବିଜେଡିର ଯୁବ ଛାତ୍ର ସମ୍ମିଳନୀ


ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ରସୁଲପୁର,୧୮।୧୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ସିଂହାପୁରସ୍ଥିତ ନାରାୟଣ ଗୋସାଇଁଙ୍କ ଯାତ୍ରା ପଡ଼ିଆରେ ଗୁରୁବାର ଧର୍ମଶାଳା ବିଜେଡି ପକ୍ଷରୁ ଯୁବ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିବା ଅତିଥି ଯୁବ ଛାତ୍ରଙ୍କୁ ପଞ୍ଚାୟତସ୍ତରର ସଂଗଠନ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ରସୁଲପୁର ବ୍ଲକର ୯ ପଞ୍ଚାୟତର ଯୁବ ସଭାପତି ବିଶ୍ୱନାଥ ପଣ୍ଡାଙ୍କ ସ୍ୱାଗତ ଭାଷଣରୁ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ ବଳ, ରାଜ୍ୟ ଛାତ୍ର ବିଜେଡି ସଭାପତି ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ପ୍ରମୁଖ ଯୋଗଦେଇ ଶାସକ ଦଳର କାର୍ଯ୍ୟଧାରା ଓ ରାଜ୍ୟର ବିକାଶ ଦିଗରେ ବିଜେଡିର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ୯ ପଞ୍ଚାୟତର ଛାତ୍ର ସଭାପତି ସ୍ମୃତିରଞ୍ଜନ ଦାଶ, ଯାଜପୁର ଜିଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ରସୁଲପୁର ବ୍ଲକ ବିଜେଡି ସଭାପତି ଅରୁଣ ରାଉତ ପ୍ରମୁଖ ଅଭିଭାଷଣ ରଖି ଦଳର ତୃଣମୂଳ ସଂଗଠନର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ରସୁଲପୁର ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରକାଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସିଂହାପୁର ପଞ୍ଚାୟତ ଯୁବ ବିଜେଡି ସଭାପତି ବିକ୍ରମ କେଶରୀ ନାୟକ ଧନ୍ୟବାଦ ଦେଇଥିଲେ। ବାଳିକା ଉଇଙ୍ଗସ୍ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା।

## ଗାନ୍ଧୀ ରାସ୍ତା ସୌନ୍ଦର୍ଯ୍ୟକରଣ ଉଦ୍ୟମ

ବରୀ,୧୮।୧୧(ଡି.ଏନ.ଏ.)

ପୂର୍ତ୍ତବିଭାଗ ଅଧୀନ ବରୀ-କଳାମାଟିଆ ରାସ୍ତା ସରକାରୀସ୍ତରରେ ଗାନ୍ଧୀ ମାର୍ଗ ଭାବେ ଘୋଷଣା ହୋଇ ନ ଥିଲେ ହେଁ ଏହି ରାସ୍ତା ଦେଇ ମହାତ୍ମା ଗାନ୍ଧୀ ହରିଜନ ପଦଯାତ୍ରା କରିଥିବାରୁ ଏହାକୁ ଲୋକେ ଗାନ୍ଧୀ ରାସ୍ତା ଆଖ୍ୟା ଦେଇଛନ୍ତି। ରାସ୍ତାଟି ବ୍ୟସ୍ତବହୁଳ ହୋଇଥିବାରୁ ବରୀ ବିଧାୟିକା ସୁନନ୍ଦା ଦାସ ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥା କରିଥିଲେ। କିନ୍ତୁ ରାସ୍ତା କଡ଼ରେ ପ୍ରାତଃଭ୍ରମଣ କରିବାକୁ ଆସୁଥିବା ବରିଷ୍ଠ ନାଗରିକଙ୍କ ନିମନ୍ତେ ବେଞ୍ଚ ପକାଯିବା, ସ୍ଥାନୀୟ ବାଲିବିଲି ସ୍ଥିତ ସାଇ ମନ୍ଦିର ନିକଟରେ ଯେଉଁ ଐତିହାସିକ ପୀଠଗୁଡିକୁ ନେଇ ବରୀ ଅଞ୍ଚଳ ଗର୍ବିତ ତାହାର ଏକ ଫଟୋଚିତ୍ର ସମ୍ବଳିତ ଫଳକ ଲଗାଯାଇନାହିଁ। ତେଣୁ ଏ ସବୁ ନିର୍ମାଣ କରାଯିବା ନିମନ୍ତେ ପୂର୍ତ୍ତବିଭାଗ ଅଧିକାରୀଙ୍କୁ ନେଇ ବିଧାୟିକା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏଥିସହିତ ଏହି ବିଭାଗର କଳାମାଟିଆ ଶହୀଦ ପୀଠ ନିକଟରେ ହେଉଥିବା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟକୁ ବିଧାୟକା ପରିଦର୍ଶନ କରିବା ସହ ଠିକାଦାରଙ୍କୁ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗାନ୍ଧୀ ରାସ୍ତାର ଅବଶିଷ୍ଟ ଅଂଶବିଶେଷକୁ ଆଲୋକୀକରଣ କରିବା ସହ ଯାତାୟାତ କ୍ଷେତ୍ରରେ ଏହି ରାସ୍ତାଟି ଯେଭଳି ବିପଦମୁକ୍ତ ହୋଇପାରିବ ସେ କ୍ଷେତ୍ରରେ ଉଦ୍ୟମ କରାଯାଉଛି ବୋଲି ବିଧାୟିକା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଘଟଣାସ୍ଥଳ ପରିଦର୍ଶନ ସମୟରେ ନିର୍ବାହୀ ଯନ୍ତ୍ରୀ ଅରୁଣ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଅଲେଖ ବେହେରା, ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ସରପଞ୍ଚ ରମାକାନ୍ତ ମଳିକ, ଯୁବନେତା ଅନିଲ ସାହାଣୀଙ୍କ ସମେତ ବହୁ ପଞ୍ଚାୟତସ୍ତରୀୟ ନେତା ଉପସ୍ଥିତ ଥିଲେ।


ଅଧିକାରୀଙ୍କ ସହ ବିଧାୟିକା କ୍ଷେତ୍ର ପରିଦର୍ଶନ କରୁଛନ୍ତି।

## ଧର୍ମଶାଳା କପ୍ ଫୁଟ୍‌ବଲ: ଫାଇନାଲରେ କଟକ

ଧର୍ମଶାଳା,୧୮।୧୧(ଡି.ଏନ.ଏ.)

ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ବାଣୀପୀଠ ଖେଳପଡ଼ିଆରେ ଚାଲିଥିବା ୭ମ ଧର୍ମଶାଳା କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ନୟାଗଡ଼ ଏଫସିକୁ ହରାଇ କଟକର ଅଲଟିମେଟ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ କଟକ ଟିମ୍ ଟ୍ରାଇବ୍ରେକର ଜରିଆରେ ୪/୨ଗୋଲରେ ନୟାଗଡ଼କୁ ପରାସ୍ତ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିବା ବେଳେ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ଖେଳକୁ ନାରାୟଣ ମିଶ୍ର ପରିଚାଳନା କରିଥିବାବେଳେ ଉତ୍ତମ ବାରିକ ଓ ସୁମନ ଦାସ ଲାଇନରେ ସହାୟତା କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ତ୍ରିବେଣୀ ସ୍ପୋର୍ଟସ ଏକାଡେମୀ ଯୋଡ଼ାକୁ କେନ୍ଦ୍ରାପଡ଼ାର ରାଜକନିକା ଅଥଲେଟିକ ଆସୋସିଏଶନ ଭେଟିବେ।

## ଖବରକାଗଜ ବିତରକଙ୍କୁ ସମ୍ବର୍ଦ୍ଧନା


ଅଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ବାଲିଚନ୍ଦ୍ରପୁର,୧୮।୧୧(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତ ଖଡ଼ଗପୁର ଗ୍ରାମର ଖବରକାଗଜ ବିତରକ ଅଞ୍ଜନ ସାହୁଙ୍କୁ କୁଆଁପାଳଠାରେ ଜାତୀୟ ପ୍ରେସ୍ ଦିବସରେ ସମ୍ବର୍ଦ୍ଧିତ କରାଯାଇଛି। ଦୀପକ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସାହିତ୍ୟିକ ଏକାଦଶୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ଖୁଣ୍ଟିଆ, ଉପଦେଷ୍ଟା ଶୈଳେନ୍ଦ୍ର ସାହୁ, ଉପସଭାପତି ଅମୀୟ ନାୟକ, ରବୀନାରାୟଣ ଦାସ, ପ୍ରେମାନନ୍ଦ ପରିଡ଼ା, ଅରବିନ୍ଦ ମହାନ୍ତି ଓ ସତ୍ୟବ୍ରତ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସାହୁ ୪୧ ବର୍ଷ ଧରି ବଡ଼ଚଣା ତଥା ମାହାଙ୍ଗା ଅଞ୍ଚଳରେ ସାଇକେଲରେ ୫୦ କିଲୋମିଟର ପରିକ୍ରମା କରି ପାଠକଙ୍କ ପାଖରେ ଖବରକାଗଜ ପହଞ୍ଚାଉଛନ୍ତି।

## ଢଳେଇ ରାସ୍ତା ଉପରେ ଢଳେଇ

ବିଞ୍ଝାରପୁର,୧୮।୧୧(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତରେ ଗୋଟିଏ ରାସ୍ତାକୁ ଏକାଧିକ ଥର ଢଳେଇ କରାଯାଉଛି। ମାତ୍ର ସେହି ଗ୍ରାମରେ ଅନ୍ୟ ଏକ ରାସ୍ତା କାମ ହୋଇ ନ ଥିବାରୁ ଲୋକେ କାଦୁଅରେ ପଶି ଯାତାୟାତ କରୁଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ବାଛୋଳ ପଞ୍ଚାୟତ ବାମଦେବପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଟି ଦୀର୍ଘ ଦିନହେଲା କଚ୍ଚା ଥିଲାବେଳେ ବର୍ଷା ଦିନରେ ଏହି ରାସ୍ତାଦେଇ ଯିବାଆସିବା କଷ୍ଟକର ହେଉଛି। ଏହି ରାସ୍ତା ଉପରେ ୨୫ ପରିବାର ନିର୍ଭର କରୁଥିବା ବେଳେ ସରପଞ୍ଚଙ୍କଠାରୁ ବ୍ଲକ ପ୍ରଶାସନ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ମାତ୍ର ସେହି ଗ୍ରାମରେ ଅନ୍ୟଏକ ରାସ୍ତା ଭଲ ଥିଲାବେଳେ ସେ ରାସ୍ତାରେ ଢଳେଇ ଉପରେ ଢଳେଇ ୩ଥର ହୋଇଥିବା ଦୀପ୍ତିରଞ୍ଜନ ମୁଦୁଲି, ଓମପ୍ରିୟମ୍ ପଣ୍ଡା, ନିରାକାର ରଣା, ତପନ ପଣ୍ଡାଙ୍କ ସମେତ ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରାସ୍ତା ନିର୍ମାଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅମୂଲ୍ୟ ତ୍ରିପାଠୀଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ନିଷ୍ପତ୍ତି ଅନୁଯାୟୀ ଢଳେଇ ଉପରେ ଢଳେଇ ହୋଇଥିବା କହିଛନ୍ତି।


ଢଳେଇ ରାସ୍ତା ନିର୍ମାଣ କରାଯାଇଛି।

## ମନ୍ଦିରରେ ୧୪୪ ଧାରା ଜାରି

ଧର୍ମଶାଳା,୧୮।୧୧(ଡି.ଏନ.ଏ.)

କାର୍ତ୍ତିକ ପୂର୍ଣ୍ଣିମାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ଧର୍ମଶାଳା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ପୀଠ ପରିସରରେ ୧୪୪ ଧାରା ଜାରିକରାଯାଇଛି। ଏଠାରେ ଥିବା ବ୍ରାହ୍ମଣୀ ନଦୀରେ କାର୍ତ୍ତିକ ପୂର୍ଣ୍ଣମାରେ ଲୋକେ ଡଙ୍ଗା ଭାସାଇବା ସହ ବୁଡ ପକାଇଥାନ୍ତି। କରୋନା ପାଇଁ ଧର୍ମଶାଳା ପୋଲିସ ପକ୍ଷରୁ ଗୁରୁବାର ମଧ୍ୟରାତ୍ରିରୁ ଶୁକ୍ରବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ସେହିପରି କୋଡପୁରର ବୁଦ୍ଧଲିଙ୍ଗ ଓ ମିର୍ଜାପୁରର ଶ୍ୟାମସୁନ୍ଦର ମନ୍ଦିରରେ କଟକଣା ଜାରି କରାଯାଇଛି। କଟକଣା ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଧର୍ମଶାଳା ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଲକ୍ଷ୍ମୀନାରାୟଣ ପୂଜା ଲାଗି ଶୁଭଖୁଣ୍ଟି ସ୍ଥାପନ

ରସୁଲପୁର,୧୮।୧୧(ଡି.ଏନ.ଏ.)

ଡିସେମ୍ବର ୧୬ରେ ହେବାକୁ ଥିବା ପ୍ରସିଦ୍ଧ କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା ପାଇଁ କୁଆଖିଆ ପରିବା ମାର୍କେଟ୍ ପରିସରରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଭୂମିପୂଜା କରାଯିବା ସହ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପରିବା ମାର୍କେଟ୍ ନିକଟସ୍ଥ ବିଜୁ ଗ୍ରାମୀଣ ମାର୍କେଟ୍ ସମ୍ମୁଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ନାରାୟଣ ଚନ୍ଦ୍ର ସାହୁ (ଶ୍ୟାମ), ପୂଜା କମିଟି ସଭାପତି ବନୋଜ କୁମାର ସ୍ୱାଇଁ, ସମ୍ପାଦକ ନାରାୟଣ ଚନ୍ଦ୍ର ମହାପାତ୍ର, ମୂର୍ତ୍ତି କାରିଗର ରବୀନ୍ଦ୍ର ସାହୁ, ଉପସଭାପତି କୈଳାସ ଚନ୍ଦ୍ର ସାହୁ ଓ କାଳନ୍ଦୀ ସାହୁଙ୍କ ସମେତ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ। ଡିସେମ୍ବର ଧନୁସଂକ୍ରାନ୍ତି ଦିନ ଲକ୍ଷ୍ମୀନାରାୟଣ ଚକ୍ଷୁଦାନ ପାଇବେ। ଚଳିତବର୍ଷ ପୂଜା ନିରାଡ଼ମ୍ବର ଭାବେ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ଅଭୟପୁରରେ ଗୋସେବା ଶିବିର



ଧର୍ମଶାଳା,୧୮।୧୧(ଡି.ଏନ.ଏ.)

ସତ୍ୟସାଇ ସେବା ସମିତି ଜାରକା ପକ୍ଷରୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଭୟପୁର ଗ୍ରାମରେ ଏକ ଗୋସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ପଶୁ ଚିକିତ୍ସାଳୟର ଚିକିତ୍ସାଧିକାରୀ ରଞ୍ଜନ କୁମାର ସେଠୀ ଯୋଗଦେଇ ୩୫୦ ଗୃହପାଳିତ ପଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସହକାରୀ କର୍ମଚାରୀ ଉତ୍ସବାନନ୍ଦ କର, ସନ୍ତୋଷ ଦ୍ୱିବେଦୀ, ବ୍ରଜକିଶୋର ଖିଲାର, ପୂର୍ଣ୍ଣଚନ୍ଦ୍ର ଦାସ, ଦାଶରଥୀ ମଳିକ, ଅନିଲ କୁମାର ବେହେରା, ରଶ୍ମିରଞ୍ଜନ ନାୟକ, ଅମୂଲ୍ୟ କୁମାର ସ୍ୱାଇଁ ଓ ଦୀପକ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ। ଅଭୟପୁର, ଉତ୍ତରଶାସନ, ଦକ୍ଷିଣ ଶାସନ ଗ୍ରାମର ଶତାଧିକ ପଶୁପାଳକ ନିଜର ଗୃହପାଳିତ ପଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

## ଲଘୁଚାପ ବର୍ଷାରେ ଧାନ ଗଜା, ଚାଷୀ ମୁଣ୍ଡରେ ଚଡ଼କ

ସିଂହପୁର,୧୮।୧୧(ଡି.ଏନ.ଏ.)

ଲଘୁଚାପ ଜନିତ ବର୍ଷା ଯୋଗୁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତର ନାଉବାଙ୍କ, ନେମରା ଗ୍ରାମରେ ବ୍ୟାପକ ଧାନଫସଲ କ୍ଷୟକ୍ଷତି ଘଟିଛି। ଜମିରେ ବର୍ଷା ପାଣି ଜମିରହିବା ଯୋଗୁ ପାଚିଲା ଧାନ ଗଜା ହୋଇଯାଇଛି। ଫସଲ ନଷ୍ଟ ହେବା ଦେଖି ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ଚଳିତ ବର୍ଷ ବର୍ଷା ଋତୁ ଆରମ୍ଭରେ କାମଦେବ ମାହାରାରେ ଘାଇ ଯୋଗୁ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଥିଲା। ଯାହା କିଛି ଫସଲ ରହିଥିଲା ଏବେ ଅମଳ ସମୟରେ ଲଘୁଚାପ ବର୍ଷା ଦାଉ ସାଧିଲା। ଧାନ ସହିତ ବିରି ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ତେବେ ଫସଲ କ୍ଷୟକ୍ଷତି ହୋଇଥିଲେ ମଧ୍ୟ କୃଷି ବିଭାଗ କର୍ମଚାରୀ ଦେଖା ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ମାଗଣାରେ ବିରି, ବାଦାମ ଓ ମୁଗ ବିହନ ଯୋଗାଇ ଦେବାକୁ ନିମାଇଁ ଚରଣ ସାମଲ, କୈବଲ୍ୟ ସାମଲ, ଅକ୍ଷୟ ଧଳ, ଲାଲବିହାରୀ ସାମଲ, କାହ୍ନୁଚରଣ ମଲ୍ଲିକ, ଜଳଧର ଜେନା, ଅଶୋକ ପାତ୍ର, ପଦ୍ମଲୋଚନ ସାହୁ ଓ ପ୍ରଶନ୍ନ ନାୟକଙ୍କ ସମେତ ବହୁ ଚାଷୀ ଦାବି କରିଛନ୍ତି।

# ରାସ୍ତାରେ ଦାହହେଲା ମୃତଦେହ

**ନୟାଗଡ଼ ଅଫିସ,୧୮।୧୧**



ରାସ୍ତା ଉପରେ ମୃତଦେହ ଦାହ କରାଯାଉଛି।

- ୪ ବର୍ଷ ହେଲା ଶ୍ମଶାନ ବିବାଦର ସମାଧାନ ନାହିଁ
- ରହିତାଦେଶ ପରେ କାମରେ ଲାଗୁନି ନୂଆ ଶ୍ମଶାନ
- ଉପଯୁକ୍ତ ସ୍ଥାନ ଚିହ୍ନଟ ନ କରାଯିବାରୁ ବିବାଦ
- ଜବରଦଖଲକାରୀଙ୍କ କବ୍‌ଜାରେ ପୁରୁଣା ଶ୍ମଶାନ ଜମି

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଶରଣକୂଳ ଥାନା ଗୋଡ଼ିପଡ଼ା ଫାଣ୍ଡି ଭାଲିଆଡିହୀ ଗାଁ ଶ୍ମଶାନକୁ ନେଇ ଲାଗି ରହିଥିବା ବିବାଦ ୪ବର୍ଷରେ ପହଞ୍ଚିଛି । ହେଲେ ପ୍ରଶାସନ ଶ୍ମଶାନ ବିବାଦ ସମାଧାନ କରିପାରୁ ନ ଥିବାରୁ ବିଭିନ୍ନ ସମୟରେ ଉତ୍ତେଜନା ସୃଷ୍ଟି ହେଉଛି । ବୁଧବାର ରାତିରେ ଅପସରା ପ୍ରଧାନ ନାମ୍ନୀ ଜଣେ ୮୦ ବର୍ଷର ବୃଦ୍ଧାଙ୍କ ପରଲୋକ ପରେ ପୁଣି ବିବାଦ ଆରମ୍ଭ ହୋଇଥିଲା । ୧୦ ଘଣ୍ଟା ମୃତଦେହ ପଡି ରହିବା ପରେ ପରିବାର ଲୋକେ ଗୋଲଗାଁ-ଭାଲିଆଡିହି ରାସ୍ତାରେ ମୃତଦେହକୁ ଦାହ କରିବାକୁ ବାଧ ହୋଇଛନ୍ତି । ଗାଁରେ ନିର୍ମିତ ନୂଆ ଶ୍ମଶାନରେ ମୃତଦେହ ନ ପୋଡ଼ିବାକୁ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି । ପ୍ରଶାସନ ଉପଯୁକ୍ତ ସ୍ଥାନ ଚୟନକରି ପାରୁ ନ ଥିବାରୁ ବିବାଦ ବଢ଼ି ଚାଲିଛି । ସେପଟେ ପୁରୁଣା ଶ୍ମଶାନ ଜମି ଜବରଦଖଲରେ ଅଛି। ପ୍ରଶାସନ ଜବରଦଖଲ ହଟାଇ ପାରି ନ ଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ଭାଲିଆଡିହୀ ଗାଁ ଆରମ୍ଭରୁ ସ୍ଥାନୀୟ ହାଇସ୍କୁଲ ପାଖ ଶ୍ମଶାନରେ ମୃତଦେହ ସତ୍କାର ହୋଇଆସୁଛି । ତେବେ ମୃତଦେହ ସତ୍କାରକୁ ପାଇକସାହି ଲୋକମାନେ ବିରୋଧ କରିବାରୁ ୨୦୧୭ରୁ ବିବାଦ ଆରମ୍ଭ ହୋଇଛି । ଏପରି କି ଶ୍ମଶାନକୁ ନେଇ ଦୁଇଥର ଗୋଷ୍ଠୀ ସଂଘର୍ଷ ବି ଘଟିଛି। ପାଇକସାହି ବାସିନ୍ଦା ହାଇସ୍କୁଲ ପାଖ ଶ୍ମଶାନରେ ମୃତଦେହ ଦାହ ନ ହେବା ପାଇଁ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାକୁ ଖାରଜ କରି ଜିଲାପାଳଙ୍କ କୋର୍ଟକୁ ପଠାଇ ଦେଇଥିଲେ। ଏହାପରେ ଜିଲାପାଳ ପୁରୁଣା ମଶାଣିରେ ମୃତଦେହ ସତ୍କାର କରିବାକୁ ବନ୍ଦ କରାଇ ତହସିଲଦାରଙ୍କୁ ନୂଆ ଶ୍ମଶାନ ଚିହ୍ନଟ କରିବାକୁ କହିଥିଲେ। ପରେ ଓଡ଼ଗାଁ ତହସିଲଦାର ନୂଆ ଶ୍ମଶାନର ମାପଚୁପ କରି ଚିହ୍ନଟ କରିଥିଲେ। ହେଲେ ନୂଆ ଶ୍ମଶାନ ରାସ୍ତା କଡରେ ଥିବାରୁ ପୁଣି ବିବାଦ ମୁଣ୍ଡ ଟେକିଥିଲା। ଏବେ ନୂଆ ଶ୍ମଶାନର ଜମିକୁ କେତେଜଣ ଲୋକ ମାଡ଼ି ବସିଛନ୍ତି। ସେହି ଜମି ମାଲିକମାନେ ହାଇକୋର୍ଟରୁ ରହିତାଦେଶ ଆଣିଥିବାରୁ ନୂଆ ଶ୍ମଶାନରେ ମୃତଦେହ ଦାହ ହୋଇ ପାରୁନାହିଁ । ଗତ ଜୁଲାଇ ୩୧ରେ ହାଇକୋର୍ଟ ରହିତାଦେଶ ଦେଇଥିବାରୁ ପ୍ରଶାସନ ଚିହ୍ନଟ କରିଥିବା ନୂଆ ଶ୍ମଶାନ କାମରେ ଲାଗୁ ନାହିଁ । ଏଭଳିସ୍ଥଳେ ଭାଲିଆଡିହିର ଉପରସାହି, ମେଦିନାସାହି, ବରପାଟଣାସାହି ଓ ଭଣ୍ଡାରୀ ସାହିର ୨୫୦ ପରିବାରର କୌଣସି ସଦସ୍ୟଙ୍କ ପରଲୋକ ଘଟିଲେ ମୃତଦେହ ସତ୍କାର ଚିନ୍ତା ବଢୁଛି ।

ଏ ନେଇ ସ୍ଥାନୀୟ ବାସିନ୍ଦା ଜୟ ମହାପାତ୍ର କୁହନ୍ତି, ଶ୍ମଶାନ ବିବାଦ କାରଣରୁ ୪ଟି ସାହିକୁ ନେଇ ଗଠିତ ଉପରସାହିର ୨୫୦ ପରିବାର ଅଭିଶପ୍ତ ଜୀବନଯାପନ କରୁଛନ୍ତି । ଗତ ୨ବର୍ଷ ମଧ୍ୟରେ ୮ଜଣଙ୍କ ମୃତ୍ୟୁ ହୋଇଛି । କିଏ ରାସ୍ତା ଉପରେ ମୃତଦେହ ପୋଡୁଛି ତ ଆଉ କେହି ବାରି ପଟେ ଦାହ କରୁଛନ୍ତି। ମୃତଦେହ ଦାହ କରିବାକୁ ୫ରୁ ୨୫ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ମୋର ମାଆ ରମା ମହାପାତ୍ରଙ୍କ ୨୦୨୦ ଫେବୃୟାରୀ ୧୮ରେ ପରଲୋକ ଘଟିଥିଲା । ୧୦ ଘଣ୍ଟା ପରେ ମୃତଦେହ ପୁରୁଣା ଶ୍ମଶାନରେ ଦାହ ହୋଇଥିଲା। ଏଥିପାଇଁ ଗଣ୍ଡଗୋଳ ସୃଷ୍ଟି ହେଲା । ସେହିପରି ୨୦୨୦ ସେପ୍ଟେମ୍ବର ୨୧ରେ ସେହି ବିବାଦ ଯୋଗୁ ୨୫ ଘଣ୍ଟା ପରେ ଉପରସାହିର ନାଥ ପ୍ରଧାନ(୭୦)ଙ୍କ ମୃତଦେହ ସତ୍କାର ହୋଇଥିଲା । ଉଭୟ ମୃତଦେହ ଦାହ ପୋଲିସ ଉପସ୍ଥିତିରେ ହୋଇଥିଲା ଗତ ମଙ୍ଗଳବାର ରାତିରେ ଅପସରା ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା । ଏପରି ବିବାଦ ଯୋଗୁ ବହୁ ବିଳମ୍ବରେ ମୃତଦେହ ଦାହ ହୋଇଛି। ମଶାଣି ବିବାଦର ସ୍ଥାୟୀ ସମାଧାନ ହେବା ଦରକାର ବୋଲି ମୋ ଗାଁର ବାସିନ୍ଦା ମତ ଦେଉଛନ୍ତି । ଉପରସାହି ସଭାପତି ଜୀବନ ରାୟ କୁହନ୍ତି, ଆମ ଗାଁର ଲୋକମାନେ ପୁରୁଣା ଶ୍ମଶାନରେ ମୃତଦେହ ପୋଡିବା ପାଇଁ ଜିଲାପାଳଙ୍କୁ କିଛି ଦିନ ତଳେ ଜଣାଇଥିଲେ । ନୂଆ ଶ୍ମଶାନ ଉପଯୁକ୍ତ ଜାଗା ନୁହେଁ ବୋଲି ଦର୍ଶାଯାଇଥିଲା। ହାଇକୋର୍ଟ ସେହି ଜମି ଉପରେ ରହିତାଦେଶ ଜାରି କରିଛନ୍ତି। ପ୍ରଶାସନ ପକ୍ଷରୁ ଏହାର ସମୀକ୍ଷା କରାଯାଇ ପୂର୍ବପରି ପୁରୁଣା ଶ୍ମଶାନରେ ମୃତଦେହ ଦାହ କରିବାକୁ ଅନୁମତି ଦେବା ଦରକାର । ନଚେତ୍ ଉପଯୁକ୍ତ ସ୍ଥାନ ଚୟନ କରି ନୂଆ ଶ୍ମଶାନର ବ୍ୟବସ୍ଥା କରାଗଲେ ଏହି ବିବାଦର ସମାଧାନ ହେବ ।

## ସଂକ୍ଷେପରେ

### ନୃସିଂହ ବେଶରେ ଦର୍ଶନ ଦେଲେ ଶ୍ରୀନୀଳମାଧବ



**ଖଣ୍ଡପଡ଼ା,୧୮।୧୧(ସ୍ୱ.ପ୍ର.):** ଗୁରୁବାର ଶ୍ରୀନୀଳମାଧବଜୀଉଙ୍କୁ ସକାଳ ଓ ସନ୍ଧ୍ୟାରେ ୨ଟି ବେଶ କରାଯାଇଥିଲା । କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶ୍ରୀଜୀଉଙ୍କୁ ସକାଳେ ଯୁଗଳ ମୂର୍ତ୍ତିବେଶ ଓ ସନ୍ଧ୍ୟାରେ ନୃସିଂହ ବେଶ କରାଯାଇଥିଲା । ଶ୍ରଦ୍ଧାଳୁମାନେ ଏହି ଦୁଇ ବେଶରେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଗୁରୁବାର ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତୀ,ମଇଲମ,ତଡପଲାଗି ଓ ଅବକାଶ ନୀତି ସମ୍ପନ୍ନ ହେବା ପରେ ଶ୍ରୀଜୀଉଙ୍କୁ ଯୁଗଳମୂର୍ତ୍ତି ବେଶରେ ସଜ୍ଜିତ କରାଯାଇଥିଲା । ସନ୍ଧ୍ୟାରେ ଠାକୁରଙ୍କୁ ନୃସିଂହ ବେଶରେ ସଜ୍ଜିତ କରାଯାଇଥିଲା । ସେହିପରି ଖଣ୍ଡପଡ଼ା ଶ୍ରୀଜଗନ୍ନାଥ ଜୀଉଙ୍କ ନୃସିଂହ ଅବତାର ବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ଶ୍ରୀଜୀଉଙ୍କ ପହୁଡ଼ ଫିଟିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ସେବକମାନେ ଶ୍ରୀଜୀଉଙ୍କୁ ନୃସିଂହ ବେଶ କରାଇଥିଲେ। ସନ୍ଧ୍ୟାରେ ଆଳତୀ ଦର୍ଶନ ସହ ଭୋଗ ଲାଗି କରାଯାଇଥିଲା।

### କାର୍ତ୍ତିକେଶ୍ୱରଙ୍କ ପୂଜା



ଖଣ୍ଡପଡ଼ା୧୮।୧୧(ସ୍ୱ.ପ୍ର.)
ବାଇଗୁଣିଆ ବଡ଼ସାହି ଗ୍ରାମରେ ସ୍ଥାନୀୟ ଜନମଙ୍ଗଳ କ୍ଲବ ଆନୁକୂଲ୍ୟରେ ଶ୍ରୀ କାର୍ତ୍ତିକେଶ୍ୱରଙ୍କ ପୂଜା ଅନୁଷ୍ଠିତ ହେଉଛି । ପୂଜାସ୍ଥଳକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜା ଯାଇଛି । ୨ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ପୂଜାର ପ୍ରଥମ ଦିନରେ ଗୁରୁବାର ଘଟସ୍ଥାପନା କରାଯାଇ ମାଙ୍ଗଳିକ କାର୍ଯ୍ୟ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ମହିଳା ମଣ୍ଡଳ ପକ୍ଷରୁ ଭାଗବତ ପଠନ ହୋଇଛି । ଶୁକ୍ରବାର ସନ୍ଧ୍ୟାରେ ମହିଳା ମଣ୍ଡଳ ପକ୍ଷରୁ ଭାଗବତ ପଠନ କରାଯିବ ବୋଲି ଅନୁଷ୍ଠାନର ସଭାପତି କାଶୀନାଥ ବେହେରା କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ମାନସ କୁମାର ସାହୁ , କୋଷାଧକ୍ଷ ମନୋଜ ମହାରଣା ସମେତ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ ।

### ୯୨ କେଜି ଗଞ୍ଜେଇ ଜବତ

**ଆର.ଉଦୟଗିରି,୧୮।୧୧(ଡି.ଏନ.ଏ.):** ମୋହନା ଥାନା ପୋଲିସ ପକ୍ଷରୁ ତଲାସୀସିଂଠାରେ ଏକ ବୋଲେରୋକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୯୨ କେଜି ଗଞ୍ଜେଇ ଜବତ କରାଯାଇଛି। ଗାଡ଼ିଟି ଚନ୍ଦ୍ରଗିରି ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଏହି ଘଟଣାରେ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ମୋହନା ଥାନାରେ ନଂ.୨୨୨/୨୧ରେ ମାମଲା ରୁଜୁ କରାଯାଇଛି।

## ସଡ଼କ ଦୁର୍ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ଗଞ୍ଜାମ,୧୮।୧୧(ଡି.ଏନ.ଏ.)**

ହୁମା ତଳସାହି ପ୍ରୋଜେକ୍ଟ ଅପର ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳାବାଳା ଆଚାର୍ଯ୍ୟଙ୍କ ଗୁରୁବାର ସ୍କୁଲକୁ ଯିବା ସମୟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କ ପୁଅଙ୍କ ବାଇକରେ ସ୍କୁଲ ଯାଉଥିବା ବେଳେ ୧୬ ନଂ ଜାତୀୟ ରାଜପଥର ଲକ୍ଷ୍ମୀପୁରଠାରେ ଅନ୍ୟ ଏକ ବାଇକ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ମା' ଓ ପୁଅ ରାସ୍ତାରେ ଛିଟିକି ପଡ଼ିଥିଲେ। ସେ ସମୟରେ ଯାଉଥିବା ଏକ ଟ୍ରକ ଶିକ୍ଷୟିତ୍ରୀଙ୍କ ଗୋଡରେ ମାଡ଼ି ଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଡାକ୍ତରଖାନାକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିବା ଗଞ୍ଜାମ ବ୍ଲକ ସିଆରସିସି ମହେଶ ବେହେରା ସୂଚନା ଦେଇଛନ୍ତି।

## ସାପ କାମୁଡ଼ାରେ ଯୁବକ ମୃତ

**ପୁରୁଷୋତ୍ତମପୁର,୧୮।୧୧(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପ୍ରତାପପୁର ଗ୍ରାମରେ ଗୁରୁବାର ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚୁନା ବେହେରା। ଚୁନାଙ୍କ ଘରେ ସାପଟି ରହି ଯାଇଥିଲା। କୌଣସି ପ୍ରକାରେ ତା ଉପରେ ଚୁନାଙ୍କ ହାତ ବାଜିଯିବାରୁ କାମୁଡ଼ି ଦେଇଥିଲା। ତାଙ୍କୁ ଚିକିତ୍ସା ନିମନ୍ତେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଥାନା ଏଏସଆଇ ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛନ୍ତି। ଏ ନେଇ ନଂ. ୨୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଉଦ୍ଭିଦ ବିଜ୍ଞାନ ବିଭାଗ ଆଲୋଚନାଚକ୍ର

**ଭଞ୍ଜନଗର,୧୮।୧୧(ଡି.ଏନ.ଏ.)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ଅଧକ୍ଷତା କରିଥବଲେ। ବିଭାଗୀୟ ମୁଖ୍ୟ ଅଧାପିକା ସୁନିତା ଖଣ୍ଡୁଆଳ ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାଧାପକ ବିଭୂତି ଭୂଷଣ ପାଣିଗ୍ରାହୀ,ଡ. ରବୀନ୍ଦ୍ରନାଥ ପାଳ, ଡ. ପୀତବାସ ପାଳ, ଅଧାପକ ରଜତ କୁମାର ମିଶ୍ର, ପ୍ରତ୍ୟୁଷ କାର୍ଜି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଧାପିକା ସବିତା ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସାଗତ କରାଯାଇଥିଲା।

## କାହ୍ନାଙ୍କ ପାଇଁ ଟଙ୍କାଟିଏ ଅଭିଯାନ

**ଖଣ୍ଡପଡ଼ା,୧୮।୧୧(ସ୍ୱ.ପ୍ର.)**

ଦୁର୍ଘଟଣାରେ ଗୁରୁତର ଆହତ କାହ୍ନା ମହାନ୍ତି (୮) ଏବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। କାହ୍ନାଙ୍କ ଚିକିତ୍ସା ନିମନ୍ତେ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ପରିବାରବର୍ଗ ଭାଙ୍ଗି ପଡିଛନ୍ତି । ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ 'କାହ୍ନାଙ୍କ ପାଇଁ ଟଙ୍କାଟିଏ ଅଭିଯାନ' ଆରମ୍ଭ ହୋଇଛି । ଯୁବ ସଙ୍ଗଠକ ମହେନ୍ଦ୍ର କୁମାର ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯୁବ ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି କାହ୍ନାଙ୍କ ଚିକିତ୍ସା ନିମନ୍ତେ ଅର୍ଥ ସଂଗ୍ରହରେ ଲାଗିଛନ୍ତି । ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଯୁବଗୋଷ୍ଠୀ, ବ୍ୟବସାୟୀ ଓ ପ୍ରଶାସନିକ ଅଧିକାରୀମାନେ ଆର୍ଥିକ ସହାୟତା ପ୍ରଦାନ କରୁଥିବା ସଂଘର ସଦସ୍ୟମାନେ ପ୍ରକାଶ କରିଛନ୍ତି ।




ଯୁବକସଂଘର କର୍ମକର୍ତ୍ତାମାନେ ସହାୟତା ରାଶି ଆଦାୟ କରୁଛନ୍ତି।

## ଅପହରଣ ପରେ ନାବାଳିକାଙ୍କୁ ବଳାତ୍କାର

### ୨ୟ ଥର ସମାନ ଅଭିଯୋଗରେ ଜେଲ ଗଲେ ଯୁବକ

**ନୟାଗଡ଼ ଅଫିସ,୧୮।୧୧**

ଅପହରଣ ଓ ବଳାତ୍କାର ଅଭିଯୋଗରେ ଇଟାମାଟି ଥାନା ପୋଲିସ ଗମ୍ଭାରିଡିହି ଗାଁର ଚନ୍ଦନ ମଲିକ(୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଚନ୍ଦନଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଗମ୍ଭାରିଡିହି ଗାଁର ଚନ୍ଦନ ପ୍ରାୟ ୧୦ ମାସ ତଳେ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇ ବଳାତ୍କାର କରିଥିଲେ । ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଚନ୍ଦନ ଅପହରଣ ଓ ବଳାତ୍କାର ଅଭିଯୋଗରେ ସେ କିଛି ମାସ ଜେଲରେ ଥିଲେ । ଏବେ ପୁଣି ସେହି ନାବାଳିକାଙ୍କୁ ଗତ ଅକ୍ଟୋବର ୨୫ରେ ଅପହରଣ କରିଥିଲେ । ଏନେଇ ପୀଡ଼ିତାଙ୍କ ମାଙ୍କ ଅଭିଯୋଗ ପରେ ପୋଲିସ ତାଙ୍କୁ ୩୭୬, ୩୭୬(୩), ୩୭୬(୨) ଓ (ଏନ୍), ପୋକ୍‌ସୋ ୬, ୩୬୩, ୩୬୬ ଦଫାରେ ୧୮୬/୨୧ରେ ମାମଲା ରୁଜୁ କରି ତଦନ୍ତ କରିଥିଲା ।

## ରାଜା ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

**ନୟାଗଡ଼ ଅଫିସ,୧୮।୧୧**

ଓଡିଶାର ପ୍ରସିଦ୍ଧ ଶୈବପୀଠ ନୟାଗଡ଼ ଜିଲା ଶରଣକୂଳ ଲଡୁବାବାଙ୍କ ପାର୍ଶ୍ୱ ଦେବତା ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କ ପଞ୍ଚୁକ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି । ଗୁରୁବାର ଶ୍ରୀଜୀଉ ରାଜା ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସୁନୀଲ ବଡପଣ୍ଡା, ଭଗବାନ ବଡପଣ୍ଡା, ଗୋଲକ ବିହାରୀ ବଡପଣ୍ଡା, ପ୍ରଫୁଲ୍ଲ ବଡପଣ୍ଡା, ଲୋକନାଥ ପୁଷ୍ପାଳକ, ପବି ମହାପାତ୍ର ପ୍ରମୁଖ ମହାପ୍ରଭୁଙ୍କର ବେଶ କରାଇଥିବା ମନ୍ଦିର ପରିଚାଳକ ସୁବାସ ବରାଡ଼ ସୂଚନା ଦେଇଛନ୍ତି।



ରାଜା ବେଶରେ ଶ୍ରୀଜୀଉ।

## ପାଣି ପାଇଁ ରାସ୍ତାରୋକୋ

**ଫୁଲବାଣୀ ଅଫିସ, ୧୮।୧୧**

ଫୁଲବାଣୀ ପୌର ପରିଷଦ ଅରବିନ୍ଦ ନଗର, ପେଞ୍ଚିସାହି, ଏଫସିଆଇ ଛକ ନିକଟରେ ପାନୀୟ ଜଳ ସମସ୍ୟା ରହିଛି। ଏହାକୁ ନେଇ ବାରମ୍ବାର ଦାବି କରାଯିବା ସତ୍ତ୍ୱେ କୌଣସି ସୁବିଧା କରାଯାଉନାହିଁ । ଫଳରେ ଲୋକେ ଉତ୍ୟକ୍ତ ହୋଇ ଗୁରୁବାର ପେଞ୍ଚିସାହି ସ୍କୁଲ ପାଖରେ ରାସ୍ତାରୋକୋ କରିଛନ୍ତି। ଲୋକେ ମାଠିଆ, ଗରା, ବାଲଟି ଧରି ଟାୟାର ଜାଳି ରାସ୍ତା ଅବରୋଧ କରିବାରୁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଫୁଲବାଣୀ ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ଟାଉନ ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଲୋକେ ରାସ୍ତାରୋକରୁ ହଟିଥିଲେ ।

## ଠାକୁର ଦର୍ଶନ,ଡଙ୍ଗା ଭସାଇବା ମନା

**ନୟାଗଡ଼ ଅଫିସ,୧୮।୧୧**

- ୧୪୪ଧାରା ଲାଗିଲା
- କାର୍ତ୍ତିକ ପୂର୍ଣ୍ଣିମାରେ ପ୍ରଶାସନିକ କଟକଣା

କରୋନାର ଭୟକୁ ଆଖି ଆଗରେ ରଖି ନୟାଗଡ଼ ଜିଲାପାଳ ପୋମା ଟୁଡୁ କାର୍ତ୍ତିକ ପୂର୍ଣ୍ଣିମା ପାଇଁ କଟକଣା ଜାରି କରିଛନ୍ତି । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭିଡ଼କୁ ରୋକିବା ପାଇଁ ଜଳାଶ୍ରୟରେ ଡଙ୍ଗା ଭସାଇବାକୁ ବାରଣ କରାଯାଇଛି । ସେହିପରି ମନ୍ଦର ଯିବାକୁ ବାରଣ କରାଯାଇଛି । ଜିଲା ପ୍ରଶାସନ ପକ୍ଷରୁ ଜିଲା ସଦର ମହକୁମାରେ ଗୁରୁବାର ଡାକବାଜି ଯନ୍ତ୍ର ମାଧ୍ୟମରେ ଏ ସଂକ୍ରାନ୍ତରେ ପ୍ରଚାର କରାଯାଇଛି । ବିଭିନ୍ନ ଥାନା ପକ୍ଷରୁ ପୋଲିସ ସ୍ଥାନୀୟ ଅଞ୍ଚଳରେ ଠାକୁର ଦର୍ଶନ ଓ ଡଙ୍ଗା ଭସାଇବାକୁ ବାରଣ କରିଛି ।

ଓଡ଼ଗାଁ ବ୍ଲକ ଜାମୁପାଟଣାର ଦୁତିକେଶ୍ୱର, ଓଡ଼ଗାଁର ରଘୁନାଥ, ଶରଣକୂଳର ଲଡୁବାବା ଓ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ୧୪୪ ଧାରା ଜାରି ହୋଇଛି । କେବଳ ପୂଜାର୍ଚ୍ଚନା ପାଇଁ ଅନୁମତି ମିଳିଛି । ଉପଜିଲାପାଳ ଲଗ୍ନଜିତ୍ ରାଉତ୍‌ଙ୍କ ନିର୍ଦ୍ଦେଶ ପରେ କଟକଣା ବଢ଼ାଇ ଦିଆଯାଇଛି ।

## ଉମାଦେବୀ ଛକରୁ ଜବରଦଖଲ ହଟିଲା

**ଖଣ୍ଡପଡ଼ା,୧୮।୧୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ହର ଉମାଦେବୀ ଛକର ଉଭୟ ପାର୍ଶ୍ୱରୁ ଜବରଦଖଲ ହଟିଛି । ସରକାରୀ ଜାଗାରେ ଦୀର୍ଘ ୪୦ ବର୍ଷ ଧରି ସ୍ଥାୟୀ ବାସଗୃହ ନିର୍ମାଣ କରି ରହିଥିବା ବ୍ୟକ୍ତିମାନଙ୍କ ଘରକୁ ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଗୁରୁବାର ଭାଙ୍ଗି ଦିଆଯାଇଛି । ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ପୂର୍ବରୁ ନୋଟିସ ପଠାଯାଇଥିଲା ବୋଲି ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି । ଖଣ୍ଡପଡ଼ା ତହସିଲଦାର ପାର୍ଥ ସାରଥି ହାଁସଦାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ଗୁରୁବାର ମଧ୍ୟାହ୍ନରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଉକ୍ତସ୍ଥାନରେ ଥିବା କେତେକ ଉଠା ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଜବରଦଖଲ ହଟିବା ପରେ ସେଠାରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ । ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୨ ଏକର ସରକାରୀ ଜାଗା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ପାଇଁ ତହସିଲ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ନୂତନ ବସ୍‌ଷ୍ଟାଣ୍ଡର ନିର୍ମାଣ ଦାୟିତ୍ୱ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି ।



ଜେସିବିରେ ଜବରଦଖଲ ଉଚ୍ଛେଦ କରାଯାଉଛି।

## ବେତନ, ବକେୟା ପ୍ରଦାନ ଦାବିରେ ଆଶାକର୍ମୀଙ୍କ ଧାରଣା

**ଖଣ୍ଡପଡ଼ା,୧୮।୧୧(ସ୍ୱ.ପ୍ର.)**

ବକେୟା ବେତନ ଓ ପ୍ରାପ୍ୟ ପ୍ରଦାନ ଦାବିରେ ୭୦ରୁ ଉର୍ଦ୍ଧ୍ୱ ଆଶାକର୍ମୀ ଖଣ୍ଡପଡ଼ା ବ୍ଲକ ଅଧୀନ ନୂଆଗଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ଧାରଣା ଦେବା ସହ ହରତାଳ କରିଥିଲେ । ଶ୍ରମିକ ସଙ୍ଗଠନ ସିଟୁ ନେତୃତ୍ୱରେ ଆଶାକର୍ମୀମାନେ ପୂର୍ବାହ୍ନ ୧୦ଟାରୁ ଧାରଣା ଦେଇଥିଲେ । ଅଗଷ୍ଟରୁ ୩ମାସ ଧରି ଆଶା କର୍ମୀମାନଙ୍କୁ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ବେତନ ପ୍ରଦାନ କରି ନାହାନ୍ତି । ନୂତନ ଭାବେ କାର୍ଯ୍ୟରତ ଆଶକର୍ମୀମାନଙ୍କୁ ମଧ ଗତ ୬ମାସର ବେତନ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହେଉଛି। ସେହିପରି ପରିବାର ମଙ୍ଗଳ ଯୋଜନା, ଜନନୀ ସୁରକ୍ଷା ଯୋଜନା ସହ ସମସ୍ତ ତାଲିମ କାର୍ଯ୍ୟକ୍ରମ ବାବଦ ବକେୟା ପାଉଣାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ପ୍ରଦାନ ନ କରି ଦିନ ଗଡ଼ାଇ ଚାଲିଥିବାରୁ ଏହାର ପ୍ରତିବାଦରେ ଖଣ୍ଡପଡ଼ା ବ୍ଲକ ଆଶାକର୍ମୀ ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଧାରଣା ସ୍ଥଳରେ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ. ଅଭିସାର ପଣ୍ଡା, ନୟାଗଡ଼ ଜିଲା ସଂଯୋଜକ ସୀତାକାନ୍ତ ପଟ୍ଟନାୟକ ପ୍ରମୁଖ ପହଞ୍ଚି ଆଶାକର୍ମୀଙ୍କୁ ବୁଝାସୁଝା କରିଥିଲେ । ତୁରନ୍ତ ସମସ୍ତ ବକେୟା ପ୍ରଦାନ ନିମନ୍ତେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆଶାକର୍ମୀମାନେ ଆନ୍ଦୋଳନରୁ ଓହରି ଥିଲେ ।



ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।